**ଏକତା, ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ**

ବେଲପଡ଼ା,(ମନୋଜ କୁମାର ମିଶ୍ର): ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧକ୍ଷ ସୁରେଶ ଚନ୍ଦ୍ର ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରାଛାତ୍ରୀଙ୍କୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର ପ୍ରସାଦ ଜୈନ ପୁରସ୍କୃତ କରିଥିଲେ। ଶିକ୍ଷାବର୍ଷ ୨୦୨୩-୨୪ରୁ ଯୁକ୍ତ ୨ କଳା ଓ ବିଜ୍ଞାନ ଏବଂ ଯୁକ୍ତ ୩ କଳା ଓ ବିଜ୍ଞାନର ସମସ୍ତ ସମ୍ମାନ ଶ୍ରେଣୀରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ**

# ସଂଗ୍ରାମୀଙ୍କ ବଳିଦାନ ଭୁଲିବାର ନୁହେଁ

ବଲାଙ୍ଗୀର,୧୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି, ସରକାରୀ ଉଦ୍ୟୋଗ, ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ଅଭିଭାଷଣରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଓ ସଂଘର୍ଷ ଭୁଲିବାର ନୁହେଁ ବୋଲି କହିଥିଲେ। ବଲାଙ୍ଗୀର ଜିଲାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଯେଉଁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାର ସୂଚନା ଦେଇଥିଲେ। ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି, ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମିର ବିକାଶ କରାଯାଉଛି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଜିଲାର ୧୪ଟି ବ୍ଲକରେ ୪୦୯୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ମିଶନ ଶକ୍ତି ଜରିଆରେ ଜିଲାରେ ୨୫ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସହାୟତା ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ହରିଶଙ୍କର ପର୍ଯ୍ୟଟନ ପୀଠର ଉନ୍ନତି ପାଇଁ ୫୫ କୋଟି ଟଙ୍କା ରାଜ୍ୟ ସରକାର ଦେଇଛନ୍ତି ବୋଲି ସୂଚନା ଦେଇଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ପଣ୍ଡା ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ୱାର୍ଡ ବୁଲି ରୋଗୀ ଓ ଜେଲ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେଠାରେ ରେଡକ୍ରସର ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆରେ ଜିଲା ପ୍ରଶାସନ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିବା ପରେ ଟାଇବ୍ରେକରରେ ଜିଲାପାଳ ଏକାଦଶ ବିଜୟୀ ହୋଇଥିଲା।



ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## ଜିଲାର ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

**ସଦାଇପାଲି ସାଇଟ୍:** ସଦାଇପାଲି ସ୍ଥିତ ସାଇଟ୍ କଲେଜ ପରିସରରେ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରାମଜୀ ଯୁବକ ସଂଘ ସଭାପତି ଡ. ପ୍ରମୋଦ କୁମାର ମିଶ୍ର, ସାଇଟ୍ ଡିପ୍ଲୋମା ଅଧକ୍ଷା ଇଂ. ନମିତା ପଟେଲ, ସୁଶ୍ରୀ ଆଇଟିଆଇ ଅଧକ୍ଷ ଇଂ ସନ୍ତୋଷ କୁମାର ବ୍ରହ୍ମା, ସାଇଟ ନର୍ସିଂ ଅଧକ୍ଷା ଲୋପାମୁଦ୍ରା ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ଅଶୋକ କୁମାର ମେହେର, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ଶିଶୁମନ୍ଦିର ନିର୍ଦ୍ଦେଶକ ଗରୁଡଧ୍ୱଜ ସାଏ ଏବଂ ଲୋକନାଥ ସିଂହ ଉପସ୍ଥିତ ଥିଲେ। ସାଇଟ୍ ଡିପ୍ଲୋମା ଇଂଜିନିୟରିଂ, ସୁଶ୍ରୀ ଡିଏମଏଲଟି, ଡିଏମ୍‌ଆରଟି, ବିଏସସି ନର୍ସିଂ, ଏମ୍‌ଏସସି ନର୍ସିଂ, ଜିଏନଏମ୍ ନର୍ସିଂ, ଏଏନଏମ ନର୍ସିଂ, ସୁଶ୍ରୀ ଆଇଟିଆଇ, ପଲ୍ଲୀଶ୍ରୀ ହାଇସ୍କୁଲ, ସୁଲୋଚନା ଦେବୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

**ଅବସରପ୍ରାପ୍ତ ଡାକ କର୍ମଚାରୀ, ଜୟଦେବ କଳା ସଂସଦ, ବିଶ୍ୱାବସୁ ସଂଘ:** ଇନ୍ଦିରା ନଗର ସ୍ଥିତ ଶ୍ରୀ ଶବରୀ ନାରାୟଣ ମନ୍ଦିର (ଧର୍ମଶାଳା) ଠାରେ ଅବସରପ୍ରାପ୍ତ ଡାକ କର୍ମଚାରୀ ସଂଘ, ଜୟଦେବ କଳା ସଂସଦ ଓ ବିଶ୍ୱାବସୁ ସଂଘ ମିଳିତ ଆନୁକୂଲ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ସତ୍ୟନାରାୟଣ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନୀଳାଚନ୍ଦ୍ର ହୋତା, ଦିଲୀପ କୁମାର ସିଂଦେଓ ସ୍ୱାଧୀନତା ଦିବସ ଉପରେ ଆଲୋକପାତ କରିଥିଲେ। ପରେ ସ୍ୱର୍ଗତ ଧୀରେନ୍ଦ୍ର ବିଶିଙ୍କ ସ୍ତ୍ରୀ ନିରୂପମା ବିଶିଙ୍କୁ ବିଶ୍ୱାବସୁ ଶବର ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜୟଦେବ କଳା ସଂସଦର କ୍ଷମାସାଗର ଯୋଷୀ ଓ ଅନ୍ୟ କଳାକାର, କଳାଧାମ ଅନୁଷ୍ଠାନର ଦିଲିପ କୁମାର ସିଂଦେଓ ଓ ସର୍ବଭାରତୀୟ ଅବସରପ୍ରାପ୍ତ ଡାକବିଭାଗ ସଂଘ ବଲାଙ୍ଗୀର ଶାଖାର ସମ୍ପାଦକ ବୃଷଭ ସା, ମଧୁ ମିର୍ଦ୍ଧା, ଲକ୍ଷରାମ ଶବର, ଅଶ୍ୱିନୀ କୁମାର ବୁଡେକ, ରାସବିହାରୀ ଭୋଇ, ଧନସିଂ ଭୋଇ, କୋଶବ ଭୁଏ ଉପସ୍ଥିତ ଥିଲେ।

**ଜ୍ଞାନଜ୍ୟୋତି ମାତା ସାବିତ୍ରୀ ବାଈ ଫୁଲେ ମହାସଂଘ:** ବରିଷ୍ଠ ସଦସ୍ୟା ରୂପାଳି ମହାନନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଜରେ ମହିଳାମାନଙ୍କ ପ୍ରତି ବଢୁଥିବା ଘରୋଇ ହିଂସା ରୋକିବା, ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜାତୀୟ ପତାକା ତଳେ ଶପଥ କରିଥିଲେ। କୌଶଲ୍ୟା କୁମ୍ଭାର, ଐଶ୍ୱର୍ଯ୍ୟ ରାଜଲକ୍ଷ୍ମୀ ହରିପାଲ, ବବି ନନ୍ଦ, ଲତିକା ଦୀପ, ମମତା ଦୀପ, ନମିତା ନାଗ, ଦମୟନ୍ତୀ ଜଗଦଲା, କଳ୍ପନା ବିହାରୀ ଉପସ୍ଥିତ ଥିଲେ।

## ଦେଶପ୍ରେମରେ ଉଦ୍‌ବୁଦ୍ଧ ହୁଅ


ଟିଟିଲାଗଡରେ ଉପଜିଲାପାଳ ଦୟାମୟ ପାଢ଼ି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଟିଟିଲାଗଡ଼,(ଶରତ ମିଶ୍ର):** ଟିଟିଲାଗଡ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ଉତ୍ସବରେ ଉପଜିଲାପାଳ ଦୟାମୟ ପାଢ଼ି ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ଗହଣରେ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏନସିସି ଏସୟୁଓ ଇପସିତା ଦାଶଙ୍କ ନେତୃତ୍ୱରେ ମିଳିତ ପରେଡରେ ସେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ମୁଖ ଅତିଥି ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥିଙ୍କ ଧର୍ମପତ୍ନୀ ପ୍ରୀତିରେଖା ସାହୁ, ଟିଟିଲାଗଡ ତହସିଲଦାର ଡ. ଲଳିତ ବାଗ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରି ଦୀପ, ପୌରାଧକ୍ଷା ମମତା ଜୈନ, ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ଓମଭେଲି ସ୍କୁଲ ଅଧକ୍ଷ ଦୀପକ ସାହୁ, ବ୍ଲକ ଉପାଧକ୍ଷ ଜଗତରାମ ରଣା ସମାରୋହରେ ସାମିଲ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ୍ ଚିନ୍ତାମଣୀ ମହାପାତ୍ର, ଅଲେଖ ଦଳବେହେରା, ରାଜୁ ମିଶ୍ର, ପ୍ରେମ ଜୈନ, ଧ୍ରୁବଲେଶ୍ୱର ଦଳବେହେରା, ପ୍ରଶାନ୍ତ ବେହେରା, ପ୍ରମୋଦ ପ୍ରଧାନ, ଶମ୍ଭୁପ୍ରସାଦ ଗୋୟଲ ପ୍ରମୁଖ ସହାୟତା କରିଥିଲେ। ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟରେ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ସଂଯୁକ୍ତ ନାୟକ, ମିଶନ ଶକ୍ତି କାଫେରେ ପୌରାଧକ୍ଷା ମମତା ଜୈନ, ଲକ୍ଷେଘର ଗଣ୍ଡା ସମାଜ ଏବଂ ଆଦର୍ଶ ଯୁବକ ସଂଘ ପକ୍ଷରୁ ଦୁର୍ଲା କ୍ଲବ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧ୍ରୁବ ହରପାଲ, ବିଜେପୁରଠାରେ ସରପଞ୍ଚ ହୃଷୀକେଶ ବାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଗୁଡଭେଲା(ମନୋଜ କୁମାର ଜୈନ):** ଗୁଡଭେଲା ବ୍ଲକ ଓ ଡୁଷୁରା ଏନଏସିର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧକ୍ଷା ବେବି ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଗୁରେଶ୍ୱର ଭୋଇ ଓ ବ୍ଲକ ଶିକ୍ଷାଧିକାରୀ ଗୁଷିଆ ମେହେର ଯୋଗ ଦେଇଥିଲେ। ସେହିପରି ଡୁଷୁରା ହାଇସ୍କୁଲ ପଡିଆରେ ଏନଏସିସ୍ତରୀୟ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷ ଅଜୟ କୁମାର ଜୟସ୍ୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନଏସି ଉପାଧକ୍ଷା ମାମୀ ଦାସ ଓ ତହସିଲଦାର ରବିନ୍ଦ୍ର କୁମାର ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ବିଜୟ କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଏସଏସଓ କନିଷ୍କ ବିଭାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ମୁଖ୍ୟ ବିଭାଜନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ଉମାକାନ୍ତ ପ୍ରଧାନ, ଯଜ୍ଞସେନି ନାଗ, ରାମାନନ୍ଦ ବେହେରା, ଅକ୍ଷୟ ପ୍ରଧାନ, ମନୋଜ କେରକେଟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ଅମୃତ ସରୋବରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବେଟି ଖାଇ ସେନ୍ଦ୍ରିଆ, ଅଧକ୍ଷତା କରିଥିଲେ। ବିଡ଼ିଓ, ବ୍ଲକ ଅଧକ୍ଷା,ବନାଞ୍ଚଳ ଅଧିକାରୀ ସୁନୀଲ ମିଶ୍ର, ଏପିଓ ପ୍ରଶାନ୍ତ ସାହୁ, ହରିବୋଲ ପୋଡ଼, ସତ୍ୟାନନ୍ଦ ସେନ୍ଦ୍ରିଆ , ସ୍ୱୟଂ ସହାୟକ ଦଳ ମହିଳା ଉପସ୍ଥିତ ଥିଲେ। ସେହି ପରି ଥାନାରେ ଥାନା ଅଧିକାରୀ ରମାକାନ୍ତ ସାହୁ, ସିଆର୍‌ପିଏଫ କ୍ୟାମ୍ପରେ ଏ.ସି.ଲାଖିନ୍ଦର୍ ସିଂ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଥଇଥାନ କଲୋନୀରେ ଉଡ଼ିଲା ତ୍ରିରଙ୍ଗା

ବଲାଙ୍ଗୀର,୧୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ ନିଜ ଘରଦ୍ୱାର, ଭିଟାମାଟି, ସର୍ବସ୍ୱ ହରାଇ ଝାଙ୍କରପାଲି ଥଇଥାନ କଲୋନୀର ଅସ୍ଥାୟୀ ଶିବିରରେ ରହୁଥିବା ଗଡଶଙ୍କର ଡୁଙ୍ଗରିପାଲି ଗ୍ରାମର ବିସ୍ଥାପିତ ପରିବାର ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ପାଳନ କରିଛନ୍ତି। ଅସ୍ଥାୟୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ମଧ ସେମାନେ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ଅଛନ୍ତି ବୋଲି ବାର୍ତ୍ତା ଦେବା ସହ କୌଣସି ପରିସ୍ଥିତିରେ କାହାକୁ ଆଉ ବିସ୍ଥାପିତ କରା ନ ଯାଉ ବୋଲି ଅନୁରୋଧ କରିଥିଲେ। ଗତ କିଛି ଦିନ ପୂର୍ବରୁ ଏହି ବିସ୍ଥାପିତମାନେ ସବୁଦିନ ପାଇଁ ନିଜ ଭିଟାମାଟି ଛାଡି ବିସ୍ଥାପିତ ହୋଇଥିଲେ। ଏବେ ଗଡଶଙ୍କର ଡୁଙ୍ଗୁରିପାଲି ଗାଁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଣିରେ ସବୁଦିନ ପାଇଁ ବୁଡିଯାଇଛି। ସ୍ୱାଧୀନତା ଦିବସ ଅବସରରେ ଝାଙ୍କରପାଲି ଥଇଥାନ କଲୋନୀରେ ବିସ୍ଥାପିତ ମାନଙ୍କ ଜାତୀୟ ପତାକା ଉତ୍ତୋଳନ କରିବା ଏବଂ ସାଲୁଟ ମାରିବା ଫଟୋକୁ ବଲାଙ୍ଗୀର ଜିଲାପାଳଙ୍କ ଟ୍ୱିଟର ଆକାଉଣ୍ଟରେ ସୋୟର କରାଯିବା ପରେ ଏହା ଆଲୋଚନାର ବିଷୟ ହୋଇଛି।


ଗଡଶଙ୍କର ଡୁଙ୍ଗୁରିପାଲିର ବିସ୍ଥାପିତମାନେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ପାଳନ କରୁଛନ୍ତି।

## ପରିବେଶ ସହ ଖାପ ଖୁଆଇ ଆଗାଅ

ସଇଁତଳା,୧୬।୮ (ରାଖାଲ ପ୍ରସାଦ ଶତପଥୀ)

ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନା ପରିସରସ୍ଥିତ ପ୍ରଶାସନିକ ଭବନରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ କାରଖାନା ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସମସ୍ତ କର୍ମଚାରୀମାନଙ୍କୁ ପରିବେଶ ସହ ଖାପ ଖୁଆଇ କର୍ମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଜାଦୀକି ଅମୃତ ମହୋତ୍ସବ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ ଅବଦାନ ପାଇଁ କାରଖାନାର କେତେଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହିଳା କଲ୍ୟାଣ ସମିତି ବଡ଼ମାଳ ଶାଖା ଅଧ୍ୟକ୍ଷା ଇପ୍ସିତା ଦାଶ, କାରଖାନାର ସମସ୍ତ ଅଧିକାରୀ, କର୍ମରତ କର୍ମଚାରୀ ଯୋଗଦେଇଥିଲେ। ସେହିପରି ସଇଁତଳା ବାପୁଜୀ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଏମଇ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁବୋଧ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ରମେଶ ଚନ୍ଦ୍ର ସିଂ ଭୋଇ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଡିଓ ଚନ୍ଦ୍ରମଣୀ ନାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଥାନା ପରିସରରେ ଥାନା ଅଧିକାରୀ ଅବନୀ କୁମାର ସାହୁ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ସମୀର ସାହୁ, ବ୍ଲକ କୃଷି କାର୍ଯ୍ୟାଳୟରେ ଭକ୍ତ ଚରଣ ଛତ୍ରିଆ, ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।


ଗୋଳାବାରୁଦ କାରଖାନାରେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ମହାପ୍ରବନ୍ଧକ।

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସଇଁତଳା, ୧୬।୮(ରାଖାଲ ପ୍ରସାଦ ଶତପଥୀ):** ବଲାଙ୍ଗୀର ଜିଲା ସଇଁତଳା ବିବେକାନନ୍ଦ ପାଠାଗାରରେ ସ୍ୱାଧୀନତା ଦିବସ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଦୟାନିଧି ସାହୁ, ଅର୍ଜ୍ଜୁଲାଲ ଅଗ୍ରୱାଲ, ମଦନଲାଲ ଅଗ୍ରୱାଲ ଯୋଗ ଦେଇଥିଲେ। ଭୀମସେନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଷେତ୍ରପତି ଜାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି ସିଂଭୋଇଙ୍କ ଦ୍ୱାରା ଅଷ୍ଟଧାତୁରେ ନିର୍ମିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ହେମସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ ପାଳିଲା ସ୍ୱାଧୀନତା ଦିବସ


ବିଧାୟକ ନରସିଂହ ମିଶ୍ର ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଲୋଇସିଂହା, ୧୬।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ସ୍ଥାନୀୟ ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଉତ୍ତର କୁମାର ହେର୍ଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡରେ ୧୨ଟି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅଗଲାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଯଦୁ ପଧାନ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଅମୃତ ସରୋବରରେ ସ୍ୱାଧୀନତା ଦିବସ ପାଳନ

ଖପ୍ରାଖୋଲ, ୧୬।୮(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅମୃତ ସରୋବରଠାରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ କାମଦେବ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ବିଜୟ କୁମାର ହୋତା, ବ୍ଲକ ଅଧକ୍ଷା ନିରୂପମା ପଟେଲ, ରେଞ୍ଜ ଅଧିକାରୀ ସୁନିଲ କୁମାର ମିଶ୍ର, ଏପିଓ ପ୍ରଶାନ୍ତ କୁମାର ସାହୁ, ଅଭୟ ତ୍ରିପାଠୀ, ଶୋଭନ ମୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚ ଶପଥ ପାଠ ସହ ସ୍ମୃତି ଫଳକ ଉନ୍ମୋଚିତ ହୋଇଥିଲା। ମାଟି ପୂଜା ସହ ମାଟି ସଂଗ୍ରହ କରାଯାଇଥିଲା। ପରେ ଉକ୍ତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

## ଗ୍ରାମ ସଫେଇ, ସ୍ୱଚ୍ଛତା ପାଇଁ ଶପଥ

ଲାଠୋର,୧୬।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମର ମହିଳାମାନେ ସ୍ୱାଧୀନତା ଦିବସ ପାଳନ ଅବସରରେ ଗ୍ରାମ ସଫେଇ କରି ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ଗାଁ କଲ୍ୟାଣ ସମିତି ସଦସ୍ୟ ଏକତ୍ରିତ ହୋଇ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜ ଶିଶୁଙ୍କୁ ନେଇ ସେଠାରେ ସ୍ୱାଧିନତା ଦିବସ ପାଳନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରି ଏବଂ ଆଶା କର୍ମୀ ନମିତା ସୂର୍ଯ୍ୟଙ୍କ ନେତୃତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ଗ୍ରାମକୁ ସ୍ୱଚ୍ଛ ସୁନ୍ଦର ରଖି ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ପରେ ସମସ୍ତ ମିଶି ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ଅନାବନା ଘାସ, ଲଟା ଏବଂ ମଇଳା ଆବର୍ଜନାକୁ ସଫା କରିଥିଲେ। ସେହିପରି ଲାଠୋର ବନାଞ୍ଚଳରେ ଅଧିକାରୀ ପ୍ରଭାତୀ ସେଠଙ୍କ ନେତୃତ୍ୱରେ ବନ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲୋକଙ୍କୁ ଚାରା ବଣ୍ଟନ କରିଥିଲେ। ପରେ ଝଲିଆଲିଟି ଚାନ୍ଦଲି ସଂରକ୍ଷଣ ଜଙ୍ଗଲରେ ବୃକ୍ଷ ରୋପଣ କରାଯାଇଥିଲା।


ସଫେଇ ପୂର୍ବରୁ ଝାଡୁ, କୋଦାଳ ଧରି ବାହାରି ଥିବା ଏସ୍‌ଏଚ୍‌ଜି ମହିଳାମାନେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ

ଭେଡ଼େନ,୧୬।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ଅର୍ନ୍ତଗତ ପଧାନଟିକ୍ରା ଗ୍ରାମର ପ୍ରମୋଦ ଭୁଏ(୫୦)ଙ୍କ ରକ୍ତାକ୍ତ ମୃତଦେହ ସୋମବାର ରାତିରେ ତାରିଣୀ ମନ୍ଦିର ନିକଟ କରନାଳି(କେନାଲ)ରୁ ପୋଲିସ ଜବତ କରିଛି। ଗତ ରବିବାରଠାରୁ ସେ ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେପରିବାର ଲୋକେ ତାଙ୍କ ସନ୍ଧାନ ପାଇ ନ ଥିଲେ। ପ୍ରମୋଦଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ପ୍ରମୋଦଙ୍କୁ କେହି ହତ୍ୟାକରି ଫିଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ଆକଳନ କରାଯାଇଛି । ଏ ନେଇ ଭେଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା(୧୪/୨୩ )ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ପ୍ରେମଜିତ ଦାଶ କହିଛନ୍ତି। କରନାଳି ପାଖରେ ମୃତଦେହ ପଡିଥିବା ନେଇ ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା।

### ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ

ବରପାଲି, ୧୬।୮ (ଚିତ୍ତରଞ୍ଜନ ସାହୁ)

ବରପାଲି ମହାବିଦ୍ୟାଳୟରେ ମେରୀ ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସ୍ଥଳ ସେନା ଅଧିକାରୀ ଭବାନୀ ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ସେବା ହିଁ ମାନବ ଜୀବନର ଅନ୍ୟତମ ସେବା ବୋଲି କହିଥିଲେ। ଏହି ସେବା କରି ବଳିଦାନ ଦେଲେ ଜଣେ ଶହୀଦ ହୋଇ ଚିର ସ୍ମରଣୀୟ ହୋଇ ଯାଆନ୍ତି ବୋଲି ମତ ରଖିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଭକ୍ତବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପକ ଶୁଶିଲ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ଅଧାପକ ଧୀରୋଜ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ସେନାଧିକାରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ଅରବିନ୍ଦ ଜୟନ୍ତୀ ପାଳିତ



ପାଇକମାଳ, ୧୬।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଙ୍ଗଳବାର ଶ୍ରୀଅରବିନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଅନିରୁଦ୍ଧ ପଣ୍ଡାଙ୍କ ପରିଚାଳିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଶିକ୍ଷାକେନ୍ଦ୍ରର ସଭାପତି ଗୋକୁଳାନନ୍ଦ ଡନସନା ଓ ସମ୍ମାନିତ ଅତିଥିଭାବେ ଶିକ୍ଷାକେନ୍ଦ୍ର ସମ୍ପାଦକ ମହେନ୍ଦ୍ର କୁମାର ଖୁଣ୍ଟିଆ ଓ ଅଧକ୍ଷ ଗଙ୍ଗାଧର ରଣା ଉପସ୍ଥିତ ଥିଲେ। ମହେନ୍ଦ୍ର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିବା ଅନିରୁଦ୍ଧ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀଅରବିନ୍ଦଙ୍କ ଜୀବନ ଉପରେ କହିଥିଲେ। ପାଇକମାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅରବିନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି।

### ନିଶାଦ୍ରବ୍ୟ ଭୁକ୍‌କି ଜବତ, ୨ଗିରଫ

#### ବରଗଡ଼ ଜିଲାରେ ପ୍ରଥମ ଘଟଣା

ବରଗଡ଼,୧୬।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ଥାନା ପୋଲିସ ସ୍ଥାନୀୟ ହଲଦୀପାଲି ଛକରୁ ୮୦ଗ୍ରାମ ଭୁକ୍‌କି(ପପି ଷ୍ଟ୍ର) ଜବତ କରିଛି। ଏହା ଏକ ବେଆଇନ ନିଶା ତଥା ମାଦକ ଦ୍ରବ୍ୟ ହୋଇଥିବାବେଳେ ଜିଲାରେ ପ୍ରଥମ ଥର ପାଇଁ ଜବତ ହୋଇଛି। ଏହି ଘଟଣାରେ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ୨ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ବୁର୍ଲା କଣ୍ଟ୍ରାକ୍ଟର କଲୋନୀର ଯଶବିନ୍ଦର ସିଂ ଏବଂ ରାଜସ୍ଥାନ ଯୋଧପୁରର ମୂଳ ବାସିନ୍ଦା ତଥା ବରଗଡ଼ ଗ୍ରାମାଞ୍ଚଳ ଥାନା ବରାହଗୋଡ଼ାରେ ରହୁଥିବା ସାୱଲ ସିଂ। ସେମାନଙ୍କ ପାଖରୁ ୧୨ବୋତଲ ବିୟର, ୬କେନ୍ ବିୟର, ୨ମୋବାଇଲ, ୨ଏଟିଏମ, ଆଧାର କାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ନଗଦ ୬୮୦୦ ଟଙ୍କା, ୨ବାଇକ୍ ଜବତ ହୋଇଛି। ସଦର ଥାନାରେ ମାମଲା(ନଂ.୨୭୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।







ସ୍ୱାଧୀନତା ଦିବସରେ ବିକାଶ ଶିକ୍ଷାନୁଷ୍ଠାନରେ ପରେଡ୍ ପ୍ରଦର୍ଶନ(ବାମ) । ରାଣାପ୍ରତାପ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର(ମଝି) । ଏସିସି ବିକାଶ ଇଂଲିଶ ମାଧ୍ୟମ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଯୁବ ସମାଜ ଚାହିଁଲେ ବିକାଶ ଆଗକୁ ବଢ଼ିବ

ବରଗଡ଼,୧୬।୮(ପ୍ରେମାନନ୍ଦ ଖମାରୀ)

ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ଅବଦାନ ଯୋଗୁ ଆଜି ଆମେ ସ୍ୱାଧୀନତା ହାସଲ କରିଛୁ। ସ୍ୱାଧୀନତା ପରେ ବିକାଶଧାରା ଆଗେଇ ଚାଲିଛି। ତେବେ ବିକାଶ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଯୁବ ସମାଜର କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାପର ଉଦ୍ୟମ ଆବଶ୍ୟକ ବୋଲି ମଙ୍ଗଳବାର ବରଗଡ଼ ଜର୍ଜ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଉଦ୍‌ବୋଧନ ଦେଇ କହିଛନ୍ତି। ମନ୍ତ୍ରୀ ମଲ୍ଲିକ ତାଙ୍କ ଅଭିଭାଷଣରେ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଅବଦୁଲ କଲାମ ଆଜାଦ, ଡ. ବାବାସାହେବ ଆମ୍ବେଡକର, ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ବରଗଡ଼ ବୀରମାଟିର ଶହୀଦ ମାଧୋ ସିଂ, ବୀର ସୁରେନ୍ଦ୍ର ସାଏ, ପାର୍ବତୀ ଗିରି ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।



ମୁଖ୍ୟଅତିଥି ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ।

କୃଷି, ପର୍ଯ୍ୟଟନ, ସଂସ୍କୃତି ଆଦି ବିଶ୍ୱ ଦରବାରରେ ବରଗଡ଼ ଜିଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଉନ୍ନତମାନର ରାଜସ୍ୱ ସେବା ପାଇଁ ଏହି ଜିଲା ରାଷ୍ଟ୍ରପତିଙ୍କଠାରୁ ଭୂମି ସମ୍ମାନରେ ସମ୍ମାନିତ ହେବା ଜିଲା ପ୍ରଶାସନ ପାଇଁ ଏକ ଗୌରବମୟ ଉପଲବ୍ଧି ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଏସପି ପି.ଏସ୍ ମୀନା, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଲାଭ କରିଥିବା ପ୍ରତିଭା, କ୍ରୀଡ଼ାବିତଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଫିଲ୍ଡ କମାଣ୍ଡର ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ୩୯ପରେଡ୍ ପ୍ଲାଟୁନ ମାର୍ଚ୍ଚପାଷ୍ଟ କରିଥିଲେ। ଆୟୋଜିତ ପରେଡ୍‌ରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଜୁନିୟର ନାଭାଲ୍ ୱିଙ୍ଗସ୍, ବିକାଶ ଆବାସିକ ବିଦ୍ୟାଳୟର ଜୁନିୟର ଏନସିସି ୱିଙ୍ଗସ୍, ସ୍କାଉଟ୍, ଗାଇଡ୍ ଓ ରେଡ଼କ୍ରସ ଗ୍ରୁପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ, ସିଭିଲିଆନ ଗ୍ରୁପରେ ପିକେଏସିଇ, ପଞ୍ଚାୟତ କଲେଜ ଏନଏସଏସ, ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ମଲ୍ଲିକ ଗାନ୍ଧିଛକସ୍ଥିତ ମହାତ୍ମା ଗାନ୍ଧି, ସ୍ୱଭାବ କବି ଗଙ୍ଗାଧର ମେହେର, ବି.ଆର ଆମ୍ବେଦକର ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ବିଜୁ ପଟ୍ଟନାୟକ ଟାଉନ ହଲରେ

### ବରଗଡ଼ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିନ ରୋଗୀ ଏବଂ କାରଗାରରେ ରହିଥିବା ବିଚାରାଧିନ ବନ୍ଦୀଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ । ବିକାଶ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀକ୍ରୀଷ୍ଣା ପତାକା ଉତ୍ତୋଳନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସିମେଣ୍ଟ ନଗରସ୍ଥିତ ଏସିସି ବିକାଶ ଇଂରାଜୀ ମାଧ୍ୟମ ସ୍କୁଲରେ ପ୍ରଧାନଶିକ୍ଷକ ସନାତନ ମହାପାତ୍ର ସଭାପତିତ୍ୱ କରିଥିଲେ। ବାପୁନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସିସି ଇଷ୍ଟଜୋନ ମାନବ ସମ୍ବଳ ମୁଖ୍ୟ ଦିନେଶ କୁମାର ପାଠକ ମୁଖ୍ୟ ଅତିଥି, ବିକାଶ ଗ୍ରୁପର ନିର୍ଦ୍ଦେଶକ ଡଃ ସମରେନ୍ଦ୍ରନାତ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ବିକାଶ ଫାଷ୍ଟଷ୍ଟେପ୍‌ରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ ଏବଂ ଶ୍ରୀୟା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । କେଶବ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ କୃଷ୍ଣଚନ୍ଦ୍ର ପ୍ରଧାନ ଏବଂ ହିନ୍ଦୀ ବିଭାଗରେ ଡ. ଉମେଶ ପ୍ରସାଦ ଖାଡ଼ାଙ୍ଗା, ରାଣାପ୍ରତାପ ସ୍କୁଲରେ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ, ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦଳପତି, ସଂକଳ୍ପ ପରିବାର ଏବଂ ଶହୀଦ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ବୀରଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଡ଼ଭୋକେଟ୍ ସୁରେନ୍ଦ୍ର ପଣ୍ଡା, ଇମ୍ପେରିୟଲ କଲେଜରେ ବଉଳସିଂହାର ଦିବ୍ୟାଙ୍ଗ ସାଇକେଲ ମେକାନିକ୍ ଗୁଣନିଧି ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍‌ରେ ୪୯ ଦଳ

ପଦ୍ମପୁର, ୧୬।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ସେ ପଦ୍ମପୁର ଅଞ୍ଚଳର ଅତୀତର ସ୍ୱର୍ଣ୍ଣିମ ଅଧ୍ୟାୟଗୁଡ଼ିକୁ ମନେପକାଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ପରେଡରେ ୪୯ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାଗୁଡ଼ିକରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, କପ ଓ ବୃକ୍ଷଚାରା ବଣ୍ଟନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପରାହ୍ନରେ ପଦ୍ମପୁର ଓ ଘେଁସ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।



ପଦ୍ମପୁର ଉପଖଣ୍ଡ ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସେହିପରି ପଦ୍ମପୁର ବ୍ଲକ ଡଙ୍ଗାଘାଟ ପଞ୍ଚାୟତ ଅନ୍ତର୍ଗତ ପଥୁରୀଠାରେ ସରପଞ୍ଚ ଶଙ୍କର୍ଷଣ ନାଗ ପତାକା ଉତ୍ତୋଳନ କରିଥିଲେ। ଜମରତଲା ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜେଶ ଖମାରୀ, ଦହିଗାଁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଡୋଲାମଣି ଦାଶ, ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜନକଲାଲ ମେହେର, ବିଦ୍ୟାମନ୍ଦିରରେ ପୃଥିରାଜ ସାହୁ, ପଦ୍ମପୁର ବ୍ରାହ୍ମଣ ସମାଜ ପକ୍ଷରୁ ନବ ନିର୍ମିତ କଲ୍ୟାଣ ମଣ୍ଡପରେ ବ୍ରାହ୍ମଣ ସମାଜ ସଭାପତି ଜୟ ନାରାୟଣ ତ୍ରିପାଠୀ, ପଦ୍ମପୁର ଲାୟନ୍ସ କ୍ଲବରେ ସଭାପତି ପ୍ରିତମ ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

## ଝାରବନ୍ଧ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଝାରବନ୍ଧ, ୧୬।୮(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଲିପ୍ସା ପ୍ରଧାନ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ପରେ ହାଇସ୍କୁଲ, କଲେଜ ସ୍ତରରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଝାରବନ୍ଧ ବଣିକ ସଂଘରେ ତହସିଲଦାର ସୀତାରାମ ଭୋଇ, ଗ୍ରାମ ପଞ୍ଚାୟତରେ ସରପଞ୍ଚ ଚନାବୁଟୁ ବଞ୍ଜାରା, ସେବା ସମବାୟ ସମିତିରେ କିଶୋର ବାରିକ, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁଭମ କୁମାର ପତି ଯୋଗଦାନ କରି ପତାକା ଉତ୍ତୋଳନ କରିବା ସହ ଉଦ୍‌ବୋଧନ ଦେଇଥିଲେ।

## କୃତୀ ପ୍ରତିଯୋଗୀ ପୁରସ୍କୃତ

ବରପାଲି, ୧୬।୮(ଚିତ୍ତରଞ୍ଜନ ସାହୁ)

ବରପାଲି ହାଇସ୍କୁଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନଗରପାଳ ଦୀନେଶ ଗହୀର , ବ୍ଲକ ଅଧକ୍ଷା ରୀନା ଥଇତ, ତହସିଲଦାର ରୁକ୍ମଣ ମେହେର, ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ, ବିଇଓ ମୁକୁନ୍ଦ ମାହାର, ଆଇଆଇସି ଜୟରଶ୍ମି ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପତାକା ଉତ୍ତୋଳନ ପରେ ଅତିଥିଗଣ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କ ସହ ସମାଜସେବୀ ରକ୍ଷାକାରି ବିଶି ଓ ମହିଳା ଚାଷୀ ଜ୍ୟୋତ୍ସ୍ନା ରାଣୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ସାହୁ ପରିଚାଳନା କରିଥିଲେ। ୨୮ଟି ଦଳ ପରେଡରେ ଭାଗ ନେଇଥିଲେ ।

## ଜର୍ଜଗଡ଼ରେ ସ୍ୱାଧୀନତା ଦିବସ ପାଳିତ

ପାଇକମାଲ,୧୬।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଗ୍ରାମର ୯ଟି ଏସ୍‌ଏଚ୍‌ଜିର ମା' ଭଉଣୀଙ୍କ ଆନୁକୂଲ୍ୟରେ ଅଙ୍ଗନବାଡି କେନ୍ଦ୍ର ପାଖରେ ଅନୁଷ୍ଠିତ ଦିବସ ପାଳନରେ ମୁଖ୍ୟ ଅତିଥିଭାବେ ଭାବେ ତହସିଲଦାର ଅକ୍ଷୟ କୁମାର ବାଘ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜନ କଲ୍ୟାଣ ସେବା ଟ୍ରଷ୍ଟର ଆଜୀବନ ସଦସ୍ୟ ବଡ ଶତପଥୀ ଓ ବିଭୁତି ମୁଣ୍ଡ ଯୋଗଦେଇ ଥିଲେ।

## ଆକାଂକ୍ଷା ଫାଉଣ୍ଡେଶନ ଉଦ୍‌ଘାଟିତ

ପଦ୍ମପୁର, ୧୬।୮(ପ୍ରଦୀପ୍ତ ଦାଶ)

୭୭ତମ ସ୍ୱାଧୀନତା ଦିବସ ଅବସରରେ ପଦ୍ମପୁର ସହରରେ ସ୍ୱେଚ୍ଛାସେବୀ ସଂଗଠନ ଆକାଂକ୍ଷା ଫାଉଣ୍ଡେସନ ଉଦ୍‌ଘାଟିତ ହୋଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଗରିବ ଅସହାୟ ଲୋକଙ୍କୁ ନିସ୍ୱାର୍ଥପର ଭାବେ ସେବା ଯୋଗାଇ ଦେବା ପାଇଁ ଅନୁଷ୍ଠାନର ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ରାଜୁ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସଞ୍ଜୟ ଦାସ ସଭା ପରିଚାଳନା କରିଥିଲେ। ସମ୍ମାନୀତ ଅତିଥିଭାବେ ବେଣୁମାଧବ ଦୋରା,ସମାଜସେବୀ ନିରୋଜ ଦୋରା, ଶିକ୍ଷକ ବିବେକାନନ୍ଦ ମହାପାତ୍ର, ବିଶିକେଶନ ଶତପଥୀ ରାଜେନ୍ଦ୍ର ମାହାନ୍ତି ଯୋଗଦେଇ ଯୁବକମାନଙ୍କୁ ମାର୍ଗ ଦର୍ଶନ କରିଥିଲେ।



ବିଧାୟିକା ବର୍ଷା ସିଂ ବରିହା ବୃକ୍ଷରୋପଣ କରି ଅନୁଷ୍ଠାନକୁ ଉଦ୍‌ଘାଟନ କରୁଛନ୍ତି।

## ସଙ୍ଗୀତ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

ପଦ୍ମପୁର, ୧୬।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳର ଜଣାଶୁଣା ସଙ୍ଗୀତ ଗୁରୁ ତଥା ଗବେଷକ ସୁରେନ୍ଦ୍ର କୁମାର ସାହୁ ଏକ ଓଡ଼ଗୀତ ଶିକ୍ଷା କେନ୍ଦ୍ର ସ୍ଥାପନ କରିଛନ୍ତି। ସ୍ୱାଧୀନତା ଦିବସରେ ଏହାକୁ ଉପଜିଲାପାଳ ସଦାକାର କୁମ୍ଭାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭା ରେ ଅଧ୍ୟାପକ ସୁଶାନ୍ତ ମିଶ୍ର ଅଧକ୍ଷତା କରିଥିଲେ। ଅତିଥି ଭାବେ ନାଟ୍ୟକାର କେଶରଞ୍ଜନ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ଶିଶୁ କଲ୍ୟାଣ ବିଭାଗ ଅଧିକାରୀ ମିନାକ୍ଷୀ ରାଜ, ନାଟ୍ୟକାର ଅଶୋକ ବହିଦାର, ନିରୋଜ ଦୋରା, ମଞ୍ଜୁଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ଶନିବାର ଓ ରବିବାର ଅପରାହ୍ନ ୪ଟାରୁ ୭ ପର୍ଯ୍ୟନ୍ତ ୧ ଟଙ୍କା ବିନିମୟରେ ନୃତ୍ୟ, ଗୀତ, ବାଦ୍ୟ ୧୦ରୁ ୨୫ ବର୍ଷିୟ ପୁଅ ଝିଅଙ୍କୁ ଶିକ୍ଷା ଦିଆଯିବ ।




ସଙ୍ଗୀତ ଶିକ୍ଷା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପଜିଲାପାଳ, ଅତିଥି ଓ ଛାତ୍ରୀଛାତ୍ର।

## ଭତ୍ତା ନ ପାଇ ନିରାଶରେ ଫେରିଲେ ନୂତନ ହିତାଧିକାରୀ

ଭେଡ଼େନ,୧୬।୮ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ନୂତନ ହିତାଧିକାରୀ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନ ପାଇ ନିରାଶରେ ଫେରିଛନ୍ତି। ପ୍ରକାଶ ଯେ, ଭେଡ଼େନ ବ୍ଲକର ୨୧ଟି ପଞ୍ଚାୟତରେ ରହିଥିବା ୨୧୬୦ ଜଣ ନୂତନ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ଯୋଗୁ ଭତ୍ତା ବଣ୍ଟନ ହୋଇ ନ ଥିଲା। ସେମାନଙ୍କୁ ବୁଧବାର ଭତ୍ତା ଟଙ୍କା ବଣ୍ଟନ ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପଞ୍ଚାୟତ ତରଫରୁ ସୂଚନା ଦିଆଯାଇଥିଲା। ନୂତନ ଭାବେ ଯୋଜନାରେ ସାମିଲ ହୋଇଥିବାରୁ ଆନନ୍ଦ ଉଦ୍ଦୀପନାର ସହ ବୃଦ୍ଧାବୃଦ୍ଧ ଦୂର ଦୂରାନ୍ତରରୁ ଆସି ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ଅପେକ୍ଷାରେ ରହିଥିଲେ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଆଜି ଭତ୍ତା ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଫଳରେ ହିତାଧିକାରୀମାନେ ନିରାଶରେ ଫେରିଥିଲେ। ବିଶେଷକରି ବ୍ଲକର ମହୁଲପାଲି ପଞ୍ଚାୟତରେ ଏହି ଦୃଶ୍ୟ ସାଧାରଣରେ ବ୍ୟଥିତ କରିଛି। ନୂତନଭାବେ ଯୋଜନାରେ ସାମିଲ ହୋଇଥିବା ୧୨୮ ଜଣ ବୃଦ୍ଧାବୃଦ୍ଧ ଭୋକଉପାସରେ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପିଇଓ କୁନ୍ତୀ ଭୋଇଙ୍କୁ ପଚାରିବାରେ ଆମ ପାଖରେ ଟଙ୍କା ଅଛି, କିନ୍ତୁ ଆବଶ୍ୟକ ହିତାଧିକାରୀଙ୍କ ପାସବୁକ ଆମକୁ ଦିଆଯାଇ ନାହିଁ। ତେବେ ବ୍ଲକ ବିଏସଏସଓ ଛତ୍ରପାଣି ଦାଶଙ୍କୁ ପଚାରିବାରେ କୌଣସି ଠିକ ଉତ୍ତର ଦେଇ ପାରି ନ ଥିଲେ। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ତାହିର ହୁସେନଙ୍କୁ ଯୋଗାଯୋଗ କରାଯିବାରୁ ଆମେ ପ୍ରଶାସନର ନିର୍ଦ୍ଦେଶକ୍ରମେ ପିଇଓମାନଙ୍କ ହିତାଧିକାରୀଙ୍କ ତାଲିକା ସହିତ ଅର୍ଥ ଏବଂ କାଗଜପତ୍ର ଯୋଗାଇ ଦେଇଛୁ। ସେମାନେ କାହିଁକି ଭତ୍ତା ବଣ୍ଟନ କଲେ ନାହିଁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




## ସଂକ୍ଷେପରେ

### ଅନ୍‌ଲାଇନ ଠକେଇ, ଜଗଦାର ୪ଜଣ ଥାନାରେ ଅଟକ

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା):** ଅନଲାଇନ ଲଟେରୀରେ ଲକ୍ଷାଧିକ ଟଙ୍କା ଉଠା ହୋଇଛି। ଏଥିରେ କିଛି ପରିମାଣରେ ଟଙ୍କା ଦେଲେ ସମ୍ପୂର୍ଣ୍ଣ ରାଶି ମିଳିବ ବୋଲି ଲୋକଙ୍କୁ ଠକୁଥିଲେ ନବରଙ୍ଗପୁରରେ ରାଉରକେଲାର କିଛି ଯୁବକ। ଏ ନେଇ ଅଭିଯୋଗ ହେବା ପରେ ଝିରପାଣି ଥାନା ଜଗଦା ଅଞ୍ଚଳରୁ ୪ ଯୁବକଙ୍କୁ ଧରି ଝିରପାଣି ଥାନା ପୋଲିସ ପଚାରାଉଚୁରା କରୁଛି। ସୂଚନାଯୋଗ୍ୟ,ଜଗଦା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ୪ ଜଣ ଯୁବକ ରହି ଅନଲାଇନ ଫ୍ରଡ଼ କରୁଥିଲେ। ଏହାର ଚେର ନବରଙ୍ଗପୁର ପର୍ଯ୍ୟନ୍ତ ଲମ୍ବିଥିବା ତଦନ୍ତରୁ ଜଣାପଡ଼ିଥିଲା।

### ଦୁଆରଭାଙ୍ଗି ମୋବାଇଲ ଚୋରି

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ କ୍ୱାର୍ଟର୍ସ ନମ୍ବର ଏଫ୍/୫୨ରୁ ମଙ୍ଗଳବାର କେହି ଜଣେ ଦୁର୍ବୃତ୍ତ ଘର ପଛ ଦୁଆର ଭାଙ୍ଗି ଏକ ଦାମୀ ମୋବାଇଲ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯୩/୨୩) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗକାରିଣୀ ସୁନୀତା ପ୍ରସାଦଙ୍କ ଘରେ ଏହି ଚୋରି ହୋଇଛି।

### ବଜ୍ରପାତରେ ୫ଗୋରୁ ମୃତ

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା):** ବୁଧବାର ଅପରାହ୍ନରେ ବଜ୍ରପାତରେ ଏନ୍‌ଆଇଟି ବ୍ୟାକପୋଷ୍ଟ ଓ ଦଲପୋଷ ଅଞ୍ଚଳରେ ୫ଟି ଗୋରୁ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଅପରାହ୍ନରେ ହଠାତ୍ ବିଜୁଳି ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ଏଥିରେ ଜଗଦା ଆକାଶବାଣୀ ପଛପାର୍ଶ୍ୱ ତଥା ଏନ୍‌ଆଇଟି ବ୍ୟାକପୋଷ୍ଟନିକଟରେ ଗଛ ତଳେ କିଛି ଗୋରୁ ଚରୁଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ୩ଟି ଗୋରୁ ମୃତ୍ୟୁବରଣ କରିଥିଲେ। ସେହିପରି ଦଲପୋଷ ଅଞ୍ଚଳରେ ୨ଟି ଗୋରୁ ମୃତ୍ୟୁବରଣ କରିଥିଲେ।

### ଅନ୍ତ୍ୟେଷ୍ଟିକ୍ରିୟାବେଳେ ଅଘଟଣ, ଗାଧୋଇବାକୁ ଯାଇ ଯୁବକ ନିଖୋଜ

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା):** ବୁଧବାର ମଧ୍ୟାହ୍ନରେ ରାଉରକେଲା ଉମା ଟକିଜ ନିକଟରେ ରହୁଥିବା ଶଙ୍କର ପ୍ରସାଦ ଚକ୍ରବର୍ତ୍ତୀଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ରାଉରକେଲା ରେଳବାଇ କଲୋନୀର ଜଣେ ଯୁବକ ପିଣ୍ଟୁ ବାସୁରୀ(୩୧) ବେଦବ୍ୟାସ ଘାଟକୁ ଯାଇଥିଲେ। ସେଠାରେ ପିଣ୍ଟୁ ଓ ଅନ୍ୟ ଜଣେ ଯୁବକ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗଭୀର ଜଳରେ ପିଣ୍ଟୁ ଖସିପଡ଼ିଥିଲେ। ପାନପୋଷ ଓ ରାଉରକେଲା ଅଗ୍ନିଶମ ଉଦ୍ଧାର କାର୍ଯ୍ୟ କରିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ପିଣ୍ଟୁଙ୍କର କୌଣସି ପତ୍ତା ମିଳି ନାହିଁ।




ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ

**ରାଉରକେଲା, ୧୬।୮ (ବିପ୍ଳବରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ପରେଡ ପରିଦର୍ଶନ କରିବା ସହ ୩୩ ପ୍ରତିଯୋଗୀମାନଙ୍କ ଚିତାକର୍ଷକ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଅଶୋକ ଜଲଟାନିଆ ଏହି ଅବସରରେ ତାଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ଭୌମିକ କହିଥିଲେ ଯେ, ଆମ ଦେଶର ସ୍ୱାଧୀନତା ସେନାନୀମାନେ ଦୃଢ଼ ସଂଗ୍ରାମ କରି ଏକ ସମୃଦ୍ଧ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରିଥିଲେ। ସେହି ମହାନ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଅତ୍ୟନ୍ତ ଗର୍ବ ଓ ଗୌରବ ସହକାରେ ୨୦୨୧ ମାର୍ଚ୍ଚରୁ ଆରମ୍ଭ କରି ୭୫ସପ୍ତାହ ବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିଛୁ। ଆରଏସ୍‌ପିର ଉତ୍ପାଦନ, ପରିବେଶ ପ୍ରବନ୍ଧନ, ସୁରକ୍ଷା, ମାନବ ସମ୍ବଳ,ଯୋଗାଯୋଗ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡିଆଇସି ଉଦାହରଣୀୟ ସେବା ନିମନ୍ତେ ସିଆଇଏସଏଫ କର୍ମୀମାନଙ୍କୁ ସେବା ମେଡାଲ ପ୍ରଦାନ କରିଥିଲେ। ସମ୍ମାନଜନକ ଆରଏସପି ଗୌରବ ସମ୍ମାନ, ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର, ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦେଶ ସେବାରେ ସମର୍ପିତ ହେବାକୁ ଆହ୍ୱାନ

**ରାଉରକେଲା, ୧୬।୮ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଉରକେଲାର ଉଦିତ ନଗର ପରେଡ ପଡିଆଠାରେ ଆୟୋଜିତ ଏହି ସମାରୋହରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ଜିଲାପାଳ କହିଥିଲେ ଯେ, ସ୍ୱାଧୀନତାକୁ ବଜାୟ ରଖିବା ଆମ ସମସ୍ତଙ୍କ ତଥା ଯୁବପିଢ଼ୀଙ୍କ ପରମ କର୍ତ୍ତବ୍ୟ।

**୭୭ତମ ସ୍ୱାଧୀନତା ଦିବସରେ ଭାରତ ମାତା ଓ ବୀରପୁରୁଷଙ୍କ ଜୟକାରରେ ମୁଖରିତ ହେଲା ମହାନଗର**

ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରୁ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ସୁନ୍ଦରଗଡ ଜିଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ କ୍ରମେ ରାଉରକେଲାଠାରେ ବିଶ୍ୱର ବୃହତ୍ତମ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ କରାଯାଇ ୨୦୨୩ ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱର ସହିତ ରାଉରକେଲାରେ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଯାଇଛି। ଯାହା ରାଉରକେଲାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି। ରାଉରକେଲା ପାଇଁ ଗର୍ବ ଓ ଗୌରବ କଥା ବିଶ୍ୱକପ ହକି ସଫଳତା ସହ ଆୟୋଜନରେ ରାଉରକେଲାବାସୀଙ୍କ ସହଯୋଗ ପ୍ରଶଂସନୀୟ। ଏଣୁ ଏଭଳି ଭାବେ ଦେଶର ସେବାରେ ସମର୍ପିତ ହେଲେ ଦେଶ ଓ ଜାତିର ବିକାଶ ସୁନିଶ୍ଚିତ ବୋଲି ଦର୍ଶାଇଥିଲେ। ଏ ଅବସରରେ ରିଜର୍ଭ ପୋଲିସର ଲକ୍ଷ୍ମୀଧରଙ୍କ ନେତୃତ୍ୱରେ ପରେଡ ହୋଇଥିଲା। ପରେଡରେ ୪୪ଦଳ ଅଂଶଗ୍ରହଣ କରିଥିଲେ। ପରେଡ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଉରକେଲା କ୍ରୀଡା ପ୍ରତିଭା, କଳା ଓ ପୋଲିସ ବିଭାଗର କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲାର ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡା. ଶୁଭଙ୍କର ମହାପାତ୍ର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଡେପୁଟି କମିସନର ସୁଧାଂଶୁ ଭୋଇ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବହୁସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଓ ମହେନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ଏହିଭଳି ଭାବରେ ମହାନଗର ନିଗମ ଅଫିସ ଓ ସ୍ମାର୍ଟସିଟି ଅଫିସରେ ଆର୍‌ଏମସି କମିଶନର ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆର୍‌ଏମସି ପକ୍ଷରୁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସଫେଇ କର୍ମଚାରୀଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।



ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି।

### ବାସନ୍ତୀ ନଗର କାଳୀପୂଜା ମଣ୍ଡପରେ ତ୍ରିରଙ୍ଗା ପତାକା ଉତ୍ତୋଳନ



**ରାଉରକେଲା, ୧୬।୮ (ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ବାସନ୍ତୀ କଲୋନୀ କାଳୀପୂଜା ମଣ୍ଡପରେ ଧୁମଧାମ୍‌ରେ ପାଳିତ ହୋଇଯାଇଛି ୭୭ତମ ସ୍ୱାଧୀନତା ଦିବସ। ଏଥିରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସ୍ତମ୍ଭକାର ଜ୍ଞାନରଞ୍ଜନ ମିଶ୍ର ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାଳୀପୂଜା କମିଟିର ଗୁନୁ ରାଉତ, କୁନା ବାରିକ, ଦେବ ପ୍ରଧାନ, ବେନୀ ଜୟସ୍ୱାଲ, ଅମିତ ତିୱାରୀ, ଅଙ୍କିତ ଗୁପ୍ତା, ବବଲୁ ସାହୁ, ଆଜମେର ଖାନ, ବାଦଲ ଶତପଥି ପ୍ରମୁଖ ଯୋଗଦେଇଥିଲେ।

# ରାଉରକେଲାରେ ୩୧୭ ସ୍କୁଲରେ ଉଡ଼ିଲା ତ୍ରିରଙ୍ଗା

**ରାଉରକେଲା, ୧୬।୮ (ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସ୍ମାର୍ଟ ସିଟି ସହରାଞ୍ଚଳ ଅନ୍ତର୍ଗତ ୩୧୭ଟି ସରକାରୀ ଏବଂ ବେସରକାରୀ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସବୁ ସ୍କୁଲରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହୋଇଛି। ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରି ଭାରତମାତାଙ୍କ ଜୟକାର କରିବା ସହିତ ପରେଡ଼ରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍ଥାନରେ ଦେଶାତ୍ମକବୋଧକ ଗୀତ ଓ ଜଣାଅଜଣା ପ୍ରତିଯୋଗିତା ହୋଇଥିଲା। ଏ ପରିପ୍ରେକ୍ଷୀରେ ରାଉରକେଲା ଛେଣ୍ଡସ୍ଥିତ ଏସ୍‌ଆରଏମ ହାଇସ୍କୁଲରେ ସ୍ୱାଧୀନତା ଦିବସ ସମାରୋହରେ ହାଇସ୍କୁଲ ସଭାପତି ବିଦ୍ୟାଧର ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି ସ୍ୱାଧୀନତା ଦିବସ ସମ୍ପର୍କରେ ପିଲାଙ୍କୁ କହିଥିଲେ। ଏହା ସହ ଏହି ଦିବସରେ ଇନର ହ୍ୱିଲ କ୍ଲବ ସଭାପତି ପ୍ରମିଳା ମିଶ୍ର ଓ ତାଙ୍କ ସହକର୍ମୀ ସାମିଲ ହୋଇ ପିଲାଙ୍କୁ ଖେଳ ସାମଗ୍ରୀ ବିତରଣ କରିଥିଲେ।



ଛେଣ୍ଡ ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳନ ମୁହୂର୍ତ୍ତ।

## ସ୍ୱପ୍ନପୁରୀ ବସ୍ତିରେ ସ୍ୱାଧୀନତା ଦିବସ ପାଳିତ

**ରାଉରକେଲା, ୧୬।୮ (ବିପ୍ଳବରଞ୍ଜନ ଦାଶ)**

ରାଉରକେଲା-ସିଭିଲ ଟାଉନଶିପ୍ ଅଞ୍ଚଳର ସୁପ୍ରସିଦ୍ଧ ଶନି ମନ୍ଦିର ସମ୍ମୁଖରେ ଥିବା ସ୍ୱପ୍ନପୁରୀ ବସ୍ତିରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଏ ଅବସରରେ ଆଜିର ଯୁବପିଢ଼ୀ ଦେଶ ସ୍ୱାଧୀନତାର ମହତ୍ୱ ଏବଂ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଉପଲବ୍ଧି କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସବିତା ଖାତୁନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରର ଏଏନ୍‌ଏମ୍ ମନୀଷା ମହାନ୍ତି, ଆଶା କର୍ମୀ ପୁଷ୍ପାଞ୍ଜଳି କୁଆ, ଅଙ୍ଗନୱାଡି କର୍ମୀ ସୁଚିତ୍ରା ଲେଲେନ ଟେଟେ, କ୍ଲବର ସଭାପତି ଶକ୍ତିମାନ ମାଝୀ, ବସନ୍ତ ଚାନ୍ଦ, ଅମିତ କୁଆ, ଲିଟୁ ବଡ଼ାଇକ, ମଚେନ୍ଦ୍ର ମହାନନ୍ଦିଆ, ରାଜେଶ ଚାନ୍ଦ, ଅବିନାଶ ସାହୁ, ମନୀଷ କୁଜୁର, ବିକାଶ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଦୁଇ ଜଣ କୁନି ପିଲାଙ୍କୁ ସିଲେଟ ଓ ଖଡି ଦେଇ ସ୍ୱାଗତ କରାଯାଇଥିଲା।

## ଗୋଷ୍ଠୀ ସଂଘର୍ଷ: କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା)**

ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଓ ସେକ୍ଟର-୨ ଖରିଆବାହାଲ ବସ୍ତିର ୨ଜଣ ଯୁବକଙ୍କ ମଧ୍ୟରେ ସିଗାରେଟ ଟାଣିବାକୁ ନେଇ ଗଣ୍ଡଗୋଳ ଓ ପରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ସୂଚନା ମିଳିଛି। ଏଥିରେ ଜଣେ ଗୁରୁତର ଭାବେ ଆହତ ହୋଇ ଆଇଜିଏଚ୍ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ରାତିରେ ଦୁଇ ପକ୍ଷ ଥାନା ଘେରାଉ କରିଥିଲେ। ଏ ନେଇ ଥାନା ପୋଲିସ ୨ଟି ମାମଲା (ନଂ. ୯୪/୨୩ ଓ ୯୫/୨୩) ରୁଜୁ କରି ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଆହତ ସରୋଜ ସାହୁ ମଙ୍ଗଳବାର ମଧ୍ୟାହ୍ନରେ ଅନ୍ୟ ଜଣେ ଯୁବକଙ୍କ ସହ ସିଗାରେଟ ମିଳିମିଶି ଟାଣୁଥିଲେ। ସିଗାରେଟ ଶେଷ ହୋଇଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଶତ୍ରୁଘ୍ନ ସାହୁ,ସରୋଜ ସାହୁ, ବିରୋଜ ସାହୁ, ରାକେଶ ନାୟକଙ୍କ ଉପରେ ସେକ୍ଟର-ଖରିଆବାହାଲ ବସ୍ତିର ଆୟୁଷ୍ମାନ ମଲ୍ଲିକ, ଉମେଶ ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସରୋଜ ଆହତ ହୋଇଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ଦାବିରେ ଉଭୟ ପକ୍ଷ ଥାନା ଘେରାଉ କରିଥିଲେ।




ସେକ୍ଟର-୩ ଥାନାକୁ ଘେରାଉ କରାଯାଇଛି।

# ତ୍ରିରଙ୍ଗାମୟ ଇସ୍ପାତ ସହର

**ରାଉରକେଲା, ୧୬।୮ (ସଙ୍ଗୀତା ଜେନା)**

ମଙ୍ଗଳବାର ଇସ୍ପାତ ସହରରେ ବିଭିନ୍ନ ସ୍ଥାନରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଆର୍‌ଏସପି, ଆରଏମ୍‌ସି, ଏନ୍‌ଆଇଟି ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହାକୁ ପାଳନ କରାଯାଇଛି।

### ନୀଳଶୈଳ କଲେଜ

ଜଗଦାସ୍ଥିତ ନୀଳଶୈଳ କଲେଜରେ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଡା. ଶର୍ମା ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକ ଚିତ୍ତାକର୍ଷକ ପରେଡ଼ ଆୟୋଜନ ହୋଇଥିଲା।

### ପିଏନ୍‌ବି ଷ୍ଟାଫ୍ ଟ୍ରେନିଂସେଣ୍ଟର

ରାଉରକେଲା ପିଏନବି ଷ୍ଟାଫ୍ ଟ୍ରେନିଂ ସେଣ୍ଟରଠାରେ ଆୟୋଜିତ ସ୍ୱାଧୀନତା ଦିବସ ଉପଲକ୍ଷେ ସେଣ୍ଟରର ଅଧିକାରୀ ଓ ବିଭିନ୍ନ ବ୍ରାଞ୍ଚର କର୍ମଚାରୀମାନେ ଉପସ୍ଥିତ ଥିଲେ। ଟ୍ରେନିଂ ମୁଖ୍ୟ ଅନୁପ ସାହୁ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବ୍ୟାଙ୍କ ଡିଜିଟାଲ ପ୍ରଡକ୍ଟ ଓ ନେସନ ଫାଷ୍ଟ ଅଲୱେଜ ଫାଷ୍ଟ ଆଭିମୁଖ୍ୟରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସର ସ୍ମୃତି ସ୍ୱରୁପ ବୃକ୍ଷରୋପଣ କରାଯାଇଥିଲା। ଏନ୍‌କେଏସ୍ ବୈଶ, ସିବି ଲୁଗୁନ, ଦେବେନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ପିଏନ୍‌ବି ଷ୍ଟାଫ୍ ଟ୍ରେନିଂ ସେଣ୍ଟରରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

### ରାଉରକେଲା ହକର୍ସ ଆସୋସିଏଶନ

ସେକ୍ଟର-୨ ବସଷ୍ଟାଣ୍ଡ ଓ ରାଉରକେଲା ଷ୍ଟେସନ ସ୍ଥିତ ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଆସୋସିଏସନର ସଭାପତି ବିଷ୍ଣୁ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ବିମାନ ମାଇତି, ବସନ୍ତ ନାୟକ, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପ୍ରସାରଣ ପରିଚାଳକ ସଂଗ୍ରାମ କିଶୋର ଭୂୟାଁ, କିଶୋର ରାଉତ, ମିହିର ପାତ୍ର, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଶୁକେନ୍ଦୁ ପାତ୍ର, କୁନା ପଟ୍ଟନାୟକ, ଅଶେଷ ବିଶ୍ୱାଳ, ନବୀନ ମାଝୀ, ଅରୁଣ ମହାନ୍ତି, ପ୍ରଦୀପ କଂସାରୀ, ସମୀର ରାଜହଂସ, ଶରତ ପଣ୍ଡା ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥିମାନେ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ।

### ଉତ୍କଳ ବିହାର ମହିଳା ସମିତି(ଆରାଧ୍ୟା)

ଉତ୍କଳ ବିହାର ମହିଳା ସମିତି (ଆରାଧ୍ୟା) ପକ୍ଷରୁ ଜଗଦା ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଧିକାରୀ ରବିକିଶୋର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ପ୍ରେମଲତା ମହାନ୍ତି, ମମତା ତ୍ରିପାଠୀ, ରୋଜାଲିନ୍ ରାଉତ, ସବିତା ମହାରଣା, ରଶ୍ମିତା ସ୍ୱାଇଁ, ସାବିତ୍ରୀ ବେହେରା, ମାଙ୍ଗମା ଚୌଧୁରୀ, ସୁଜାତା କୁଜୁର, ଅନିମା ଭଗତ, ଜୟଶ୍ରୀ ପାଣ୍ଡେ, ବବି ରାଉତ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ପରିଚାଳନା କରିଥିଲେ।

### ସେଲୁନ ଓନର ଆସୋସିଏଶନ ଅଫ୍ ରାଉରକେଲା (ସୋର)

ସୋର ଓ ଛେଣ୍ଡ ସ୍ଥିତ ଦିବ୍ୟାଙ୍ଗ ଅନୁଷ୍ଠାନ ଆଶାଦୀପ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସୋରର ଅଧକ୍ଷା ରଶ୍ମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ତେବା ସୀଙ୍କୁ ଦୟା ବା କୃପା ପ୍ରଦର୍ଶନ ନ କରି ସ୍ନେହ, ଶ୍ରଦ୍ଧା ଓ ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଆରଆରଆରସିର ରାମଚନ୍ଦ୍ର ବେହେରା, ଆଶାଦୀପର ଅଧ୍ୟକ୍ଷ ବଳରାମ ବେହେରାଙ୍କ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ଓଁ ଶାନ୍ତି ସେବା ସମିତି କଳିଙ୍ଗ ବିହାର ରାଉରକେଲା

ଏହି ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ସଭାପତି ରାମେଶ୍ୱର ଦାଶ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ନିତାଇ ଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା ସହିତ ମହିଳାମାନଙ୍କୁ ବିକାଶରେ ଆଗେଇ ଅସିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କୃଷକ ସମାବେଶ: ଜୈବିକ ଚାଷ ପାଇଁ ଆହ୍ୱାନ

**ଜମନକିରା,୧୬।୮(ରବୀନ୍ଦ୍ର ପ୍ରସାଦ ଦାନି):** ସମ୍ବଲପୁର ଜିଲା ଧୁଡ଼ିପାଲି ଗ୍ରାମ ପଞ୍ଚାୟତର ଲିଙ୍ଗପାଲି ପାହାଡ ଉପରେ ବହୁମୁଖୀ ସମବାୟ ସମିତି ଲିଃ ଓ ଲିଙ୍ଗାପାଲି ବନ ସୁରକ୍ଷା ସମିତି ମିଳିତ ଉଦ୍ୟମରେ ସଭାପତି ସୁଧାଂଶୁ ଚୌଧୁରୀଙ୍କ ସଭାପତିତ୍ୱରେ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ଜିଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି, ଜମନକିରା ଜଙ୍ଗଲ ବିଭାଗ ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକ, ଅବସରପ୍ରାପ୍ତ ଅଧକ୍ଷ ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ତନୟା ଧୁରୁଆ, ଆଦର୍ଶ ଚାଷୀ ଦୀପକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜୈବିକ ଚାଷ ଓ ପ୍ରକୃତିର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସମିତିର ଆବାହକ ରମାକାନ୍ତ ମାହକୁଲ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସୁମନ୍ତ ପଟେଲ ଓ ରମେଶ ପଢ଼ନଙ୍କ ନେତୃତ୍ୱରେ ଗ୍ରାମବାସୀ ୫୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏହି ଅବସରରେ ପ୍ରକୃତିର ସୁରକ୍ଷା ପାଇଁ ସୁବାସ ନାୟକ ଓ ଆଦର୍ଶ କୃଷି ପାଇଁ ଦୀପକ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

### ଇଣ୍ଡିଆନ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ

**ସମ୍ବଲପୁର,୧୬।୮(ବି.ଶଙ୍କର):** ସମ୍ବଲପୁର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଭରତ ଦୁବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ନିର୍ଦ୍ଦେଶକ କେଶବ ଡାଲମିଆଁ ଦେଶଭକ୍ତି ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧକ୍ଷ ସଚିନ ପାଠକ ଅଭିଭାଷଣରେ କହିଥିଲେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ସେମାନେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ନାକଟିଦେଉଳ,୧୬।୮(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସ୍ୱାଗତ ସମାରୋହ, ସମ୍ବର୍ଦ୍ଧନା ଉତ୍ସବ ଓ ଅଗ୍ରିମ ଭାବେ ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ୧ମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅଗ୍ରିମ ଭାବରେ ପାଳନ କରାଯାଇଥିବା ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀରେ ସମ୍ମାନିତ ବକ୍ତା ଭାବେ ଓଡିଆ ପ୍ରାଧାପିକା ଡ. ସରସୀରାଣୀ ନାୟକ ଯୋଗଦେଇ ସ୍ୱଭାବ କବିଙ୍କ ଜୀବନ ବିଷୟରେ ଆଲୋଚନା କରିଥିଲେ। ଅଧାପକ ସଞ୍ଜୀବ ଦାଶ, ହେମାନନ୍ଦ ପ୍ରଧାନ, ଅରୁଣ ବିଶ୍ୱାଳ, ଜିତେନ୍ଦ୍ରିୟ ପ୍ରଧାନ ଓ ଜିତେନ୍ଦ୍ର ପଣ୍ଡା ପିଲାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

### ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳର ମୂକ ବଧିର ବିଦ୍ୟାଳୟ ପରିଦର୍ଶନ

**ସମ୍ବଲପୁର,୧୬।୮(ବି.ଶଙ୍କର):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ କର୍ମକର୍ତ୍ତା ବୁର୍ଲାସ୍ଥିତ ମୂକ, ବଧିର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏଥିସହ ଛାତ୍ରୀମାନଙ୍କ ସହ ଭାବ ଆଦାନପ୍ରଦାନ କରି ଖାଦ୍ୟ ସାମଗ୍ରୀ ଓ ସମସ୍ତଙ୍କୁ ଜୋତା ପ୍ରଦାନ କରିଥିଲେ। ଜାଗୃତି ମହିଳା ମଣ୍ଡଳ ସଭାନେତ୍ରୀ ପଦ୍ମଜା ସିଂ କହିଛନ୍ତି ଯେ, ମୂକ ଓ ବଧିର ଛାତ୍ରୀମାନଙ୍କ ସହ ସ୍ନେହପୂର୍ଣ୍ଣ ଭାବରେ କଥାବାର୍ତ୍ତା କଲେ ସେମାନଙ୍କ ମନରେ ଆନନ୍ଦ ଭରିଉଠିବ। ଏଥିରେ ଜାଗୃତି ମହିଳା ମଣ୍ଡଳ ଉପାଧ୍ୟକ୍ଷ ଅଲପନା ଶୁକ୍ଳା, ଅଞ୍ଜଳି ବାପଟ, ସଚିବ ବିନିତା ସିହ୍ନା ସାମିଲ ହୋଇଥିଲେ।

### ବିଜେଡିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୬।୮(ବିରଞ୍ଚି ଦର୍ଡା):** ସ୍ୱାଧୀନତା ଦିବସ ଅବସରରେ ବିଜେଡି ପକ୍ଷରୁ କୁଚିଣ୍ଡାସ୍ଥିତ ବିଜୁ ପାଠାଗାରରେ ବୁଧବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜୀବନ ବିନ୍ଦୁ ସଂଯୋଜକ ଅଜିତ ମହାପାତ୍ର, କୁଚିଣ୍ଡା ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତଉପସ୍ଥିତ ଥିଲେ।

# ସମ୍ବଲପୁର ମାଟିର ଅବଦାନ ଅତୁଳନୀୟ

**ସମ୍ବଲପୁର,୧୬।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର କଚେରି ରାସ୍ତାରେ ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି କହିଥିଲେ, ଦେଶ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ ସମ୍ବଲପୁର ମାଟିର ଅବଦାନ ଅତୁଳନୀୟ। ଏହି ମାଟିରେ ଜନ୍ମ ଗ୍ରହଣ କରିଥିବା ମହାପୁରୁଷଙ୍କ ଯୋଗଦାନ ସର୍ବଦା ସ୍ମରଣୀୟ। ସମ୍ବଲପୁରର ମା' ସମଲେଶ୍ୱରୀ ପୀଠ, ହୀରାକୁଦ ଡ୍ୟାମ୍, ସମ୍ବଲପୁରୀ ଲୋକନୃତ୍ୟ, ସମ୍ବଲପୁର ବସ୍ତ୍ର ସାରା ବିଶ୍ୱରେ ପ୍ରସିଦ୍ଧ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜୟୀ ରାଜଗୁରୁ, ବକ୍ସି ଯୋଗବନ୍ଧୁ, କୃଷ୍ଣଚନ୍ଦ୍ର ଗଜପତି, ବାଜି ରାଉତ, ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଯୋଗୁ ଆଜି ଆମେ ସ୍ୱାଧୀନତା ପାଇପାରିଛନ୍ତି। ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ମିଶନ ଶକ୍ତି ଯୋଗୁ ସାମାଜିକ ଓ ଅର୍ଥନୀତି କ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିଛନ୍ତି। ମୋ ପୋଖରୀ, ଜାଗା ମିଶନ, ମୁକ୍ତା, ସହରାଞ୍ଚଳ ପାଇପ ପାଣି ଯୋଗାଣ, ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ ଲାଇଟ ଭଳି ଯୋଜନା ଦ୍ୱାରା ଜନସାଧାରଣ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଜିଲାର ଉନ୍ନତି ନିମନ୍ତେ ସମ୍ବଲପୁରବାସୀ ଆଗକୁ ଆସି ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ କୁମାର ଭାମୁଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ପରେଡରେ ମୋଟ ୩୦ଟି ଦଳ ସାମିଲ ହୋଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆର୍ମି ଉଇଙ୍ଗ ବିଜେତା ହେଇଥିବା ବେଳେ ଜୁନିୟରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ଓ ଗୁରୁନାନକ ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସିଭିଲିୟନରେ ଦୟାନନ୍ଦ ପବ୍ଲିକ ସ୍କୁଲ ପ୍ରଥମ, ଲେଡି ଲୁଇସ ବାଳିକା ହାଇସ୍କୁଲ ଦ୍ୱିତୀୟ ଓ ସେଭେନହିଲ ରେସିଡେଣ୍ଟସିଆଲ ସ୍କୁଲ ତୃତୀୟ ସ୍ଥାନ ଅଧିକାରୀ କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ଧନକଉଡା ପ୍ରଥମ ହେଇଥିବା ବେଳେ ଲେଡି ଲୁଇସ ବାଳିକା ହାଇସ୍କୁଲ ଦ୍ୱିତୀୟ ଓ ବିକାଶ କନସେପ୍ଟ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟ ଅତିଥି।

## ମଦଦୋକାନ ଉଚ୍ଛେଦ ଦାବିରେ ଫାଣ୍ଡିର ଦ୍ୱାରସ୍ଥ


ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମର ମହିଳା।

**ସମ୍ବଲପୁର,୧୬।୮(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ବୁର୍ଲା ଥାନା ବସନ୍ତପୁର ପଞ୍ଚାୟତ ଚିପିଲିମା ରାସ୍ତାକଡରେ ଥିବା ଏକ ବେଆଇନ ମଦଦୋକାନ ଉଚ୍ଛେଦ ଦାବିରେ ବୁଧବାର ରେଙ୍ଗାଲିପାଲି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଚିପିଲିମା ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ତପନ ପ୍ରଧାନ ଅଭିଯୋଗକୁ ଗୁରୁତର ସହ ନେଇ ଉକ୍ତ ଦୋକାନକୁ ଯାଇ ବ୍ୟବହୃତ ଚୌକି, ଟେବୁଲ ଆଦି ଜବତ କରି ଫାଣ୍ଡିକୁ ଆଣିଥିଲେ। ଏହାସହ ବେଆଇନ ଘରକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ମହିଳାମାନେ ଗଣମାଧ୍ୟମ ଆଗରେ କରିଥିବା ଅଭିଯୋଗ ଅନୁଯାୟୀ ସେମାନେ ଏ ନେଇ ପୂର୍ବରୁ ବୁର୍ଲା ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଉକ୍ତ ରାସ୍ତାଦେଇ ଝିଅବୋହୂ, ଛାତ୍ରୀଛାତ୍ର ଯିବାଆସିବା କରୁଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ସୀମା ବିବାଦ, ସରପଞ୍ଚଙ୍କୁ ଚାପୁଡ଼ା

**ସମ୍ବଲପୁର,୧୬।୮(ଶୁଭାଶିଷ ପାଢ଼ୀ)**

- ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କ ଉପସ୍ଥିତିରେ ମାରପିଟ
- କମ୍ପାନୀ ଅଭିଯୋଗରେ ସରପଞ୍ଚଙ୍କ ନାମରେ ମାମଲା

ସମ୍ବଲପୁର ଜିଲାର ସରପଞ୍ଚମାନେ ସଂଘ ମାଧ୍ୟମରେ ଏକତାର ବାର୍ତ୍ତା ଦେଇ ପ୍ରଶାସନ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି। ଏପରିସ୍ଥଳେ ପଞ୍ଚାୟତ ସୀମା ବିବାଦକୁ ନେଇ ଗୋଟିଏ ପଞ୍ଚାୟତର ସରପଞ୍ଚ ଓ ଅନ୍ୟ ଏକ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ମୁହାଁମୁହିଁ ହୋଇଛନ୍ତି। ଝୁଝୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ଅଧୀନରେ ଥିବା ଏକ କେମିକାଲ କମ୍ପାନୀରୁ ଚାନ୍ଦା ମଗାଯାଉଥିବା ଅଭିଯୋଗ ଆଣି କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନଙ୍କୁ ଚାପୁଡା ଖାଇବାକୁ ପଡିଛି। ଏହିସବୁ ଘଟଣା ଜୟନ୍ତପୁର ସରପଞ୍ଚଙ୍କ ସ୍ୱାମୀ ଗଣେଶ ତାଣ୍ଡିଙ୍କ ସମ୍ମୁଖରେ ଘଟିଛି। ସୀମା ପାର ହୋଇ ଚାନ୍ଦା ମାଗିବା ଘଟଣାକୁ ନେଇ ଉଭୟ ଗୋଷ୍ଠୀଙ୍କ ଭିତରେ ମାରପିଟ ହୋଇଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

ଘଟଣା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ କବରାପାଲି ସରପଞ୍ଚ ପ୍ରଧାନଙ୍କ ନାମରେ ୨୨୩/୨୩ରେ ମାମଲା ରୁଜୁହୋଇଛି। ସେହିପରି ସରପଞ୍ଚ ପ୍ରଧାନଙ୍କ ଅଭିଯୋଗକ୍ରମେ ଜୟନ୍ତପୁର ସରପଞ୍ଚଙ୍କ ସ୍ୱାମୀଙ୍କ ସମର୍ଥକ ଅଶୋକ ପ୍ରଧାନଙ୍କ ନାମରେ ୨୨୪/୨୩ରେ ମାମଲା ରୁଜୁ ହୋଇଛି। ଭାଇରାଲ ଭିଡିଓ ମଙ୍ଗଳବାରର ବୋଲି ଜଣାପଡିଛି। ସ୍ୱାଧୀନତା ଦିବସ ପାଳନ ପାଇଁ କିଛି ଆର୍ଥିକ ସହଯୋଗ ଆଶାରେ କବରାପାଲି ସରପଞ୍ଚ ପ୍ରଧାନ କମ୍ପାନୀକୁ ଯାଇଥିଲେ। ସେଠାରେ ଟଙ୍କା ନ ଦେବାରୁ କମ୍ପାନୀ ଅଧିକାରୀଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହି ସୂଚନା ପାଇ ଜୟନ୍ତପୁର ସରପଞ୍ଚଙ୍କ ସ୍ୱାମୀ ଗଣେଶ ଓ ତାଙ୍କ ସମର୍ଥକ ସେଠାରେ ପହଞ୍ଚିଥିଲେ। ସେମାନେ କବରାପାଲି ସରପଞ୍ଚଙ୍କୁ ଗାଳିଦେବା ସହ କମ୍ପାନୀ ମ୍ୟାନେଜରଙ୍କୁ କ୍ଷମା ମାଗିବାକୁ ବାଧ୍ୟ କରୁଥିଲେ। ଏହାର ଭିଡିଓ ଭାଇରାଲ ହେଉଛି। ଅନ୍ୟ ଏକ ଭିଡିଓରେ କବରାପାଲି ନିକଟ ଏକ ଢାବାରେ ସରପଞ୍ଚ ପ୍ରଧାନଙ୍କୁ ଜୟନ୍ତପୁର ସରପଞ୍ଚଙ୍କ ସ୍ୱାମୀ ଗଣେଶଙ୍କ ଉପସ୍ଥିତିରେ ଅଶୋକ ଚାପୁଡା ମାରିଥିଲେ। ଭିଡିଓରେ ଗଣ୍ଡଗୋଳର ପୂରା ଦୃଶ୍ୟ କଏଦ ହୋଇ ରହିଛି। ସୂଚନାଯୋଗ୍ୟ, ସରପଞ୍ଚ ପ୍ରଧାନଙ୍କ ନାମରେ ପୂର୍ବରୁ ଗଣ୍ଡଗୋଳ କରିବା ସହ ଜଣେ ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ମାମଲା ରହିଛି।


ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଦୃଶ୍ୟ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**କୁଚିଣ୍ଡା,୧୬।୮(ବିରଞ୍ଚି ଦର୍ଡା)**

କୁଚିଣ୍ଡା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଧନୁର୍ଜୟ ନାଏକଙ୍କ ନେତୃତ୍ୱରେ ଦିଆଯାଇଥିବା ଦାବିପତ୍ରରେ ୭ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ସରପଞ୍ଚମାନେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। କୁଚିଣ୍ଡା ବିଡିଓ ନିରଞ୍ଜନ ସା ଦାବିପତ୍ର ଗ୍ରହଣ କରି ଜିଲାପାଳଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି। ଗ୍ରାମସଭାକୁ ପ୍ରାଧାନ୍ୟ ଦେଇ 'ଆମ ଓଡିଶା ନବୀନ ଓଡିଶା' ଯୋଜନାରେ ଦିଆଯାଉଥିବା ୫୦ଲକ୍ଷ ଟଙ୍କା ବ୍ଲକ ପରିବର୍ତ୍ତେ ପଞ୍ଚାୟତକୁ ଦିଆଯିବା ସହ ଗ୍ରାମସଭା ପ୍ରସ୍ତାବିତ ପ୍ରକଳ୍ପକୁ ଏଥିରେ ଅନ୍ତର୍ଭୁକ୍ତ କରିବା, ବ୍ଲକକୁ ଆସୁଥିବା ଅନୁଦାନରୁ ୭୦ଭାଗ ଅର୍ଥ ପଞ୍ଚାୟତକୁ ଦିଆଯିବା, ପ୍ରତି ପଞ୍ଚାୟତରେ ଜଣେ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଆଯାଇ ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ପାଇଁ ସରପଞ୍ଚଙ୍କୁ ୫ଗୋଟି ଗୃହର କ୍ଷମତା ପ୍ରଦାନ, ଜମି ଅଧିଗ୍ରହଣ କ୍ଷେତ୍ରରେ ପଞ୍ଚାୟତର ଗ୍ରାମସଭାକୁ ପ୍ରାଧାନ୍ୟ ଦେବା ଆଦି ପ୍ରଦତ୍ତ ଦାବିରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସଂଘ ବ୍ଲକ ଉପସଭାତି ଥନେଶ୍ୱର ନାଏକ, ସମ୍ପାଦକ ଶୁଳେଶ୍ୱରୀ ମାଝି, ସହସମ୍ପାଦକ ଗୋବର୍ଦ୍ଧନ ବାଘ, କୋଷାଧକ୍ଷ ପ୍ରମୋଦ କିଷାନଙ୍କ ସମେତ ୧୭ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।


ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ଦେଶଭକ୍ତିରେ ଅନୁପ୍ରାଣିତ ହେବାକୁ ଆହ୍ୱାନ


ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଉତ୍ସବରେ ସମୂହ ପରେଡ୍‌ର ଅଭିବାଦନ ଗ୍ରହଣ କରୁଛନ୍ତି ଅତିଥି।


ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ଅତିଥିଙ୍କ ବକ୍ତବ୍ୟ।


ରେଳମଣ୍ଡଳ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧୬।୮(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ୍) ପକ୍ଷରୁ ଆନନ୍ଦ ବିହାର ପଡିଆରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଜାତୀୟ ପତାକା ଉତ୍ତୋଳନ କରି ଦେଶ ଭକ୍ତିରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ପ୍ରମୁଖ କୋଇଲା ଖଣି କର୍ମଚାରୀ ଓ ଅଧିକାରୀମାନଙ୍କୁ ନିରନ୍ତର ସେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଏମ୍‌ସିଏଲ୍ ମୁଖ୍ୟାଳୟର ୮ କର୍ମଚାରୀଙ୍କୁ ଉତ୍କୃଷ୍ଟ ସେବା ପୁରସ୍କାର ପ୍ରଦାନ କରାଯାଇଥିଲା।

ସମ୍ବଲପୁର ରେଳ ଷ୍ଟାଡିୟମରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି ରେଳବାଇ ସୁରକ୍ଷା ବଳ ଏବଂ ସ୍କାଉଟ ଓ ଗାଇଡର ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖା ଅଧକ୍ଷା ଅଞ୍ଜାନି ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଦସ୍ୟ ସମ୍ମାନିତ ଅତିଥି ଥିଲେ। ରେଳ ଅଧିକାରୀ, କର୍ମଚାରୀ, ପୂର୍ବତଟ ରେଳ ଶ୍ରମିକ, ପୂର୍ବତଟ ରେଳ କର୍ମଚାରୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ ରେଳ କାର୍ମିକ ଅଧିକାରୀ ୟୁସୁଫ୍ କବୀର ଅନ୍‌ସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସମ୍ବଲପୁର (ଶୁଭାଶିଷ ପାଢୀ):** ବୁର୍ଲାସ୍ଥିତ ଟିପିଡବ୍ଲୁଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନୂଆଦିଲ୍ଲୀରୁ ଆସିଥିବା ଟିପିଡିଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଣେଶ ଶ୍ରୀନିବାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କମ୍ପାନୀର ସ୍ଥାନୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଗଜାନନ କାଲେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀନିବାସନ କମ୍ପାନୀର କର୍ମଚାରୀ ଓ ତାଙ୍କ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ନିରାମୟ ଜୀବନ କାମନା କରିଥିଲେ। ସାଧାରଣ ଓ ବ୍ୟକ୍ତିଗତ ଜୀବନରେ ସତ୍ୟନିଷ୍ଠା, ସାଧୁତା ପ୍ରତି ସମର୍ପିତ ରହିବା ନେଇ ପରାମର୍ଶ ଦେଇଥିଲେ। ସମସ୍ତ କର୍ମଚାରୀ ଗ୍ରାହକଙ୍କ ବୈଦ୍ୟୁତିକ ସୁବିଧା ପ୍ରତି ସଜାଗ ରହିବା, ସୁରକ୍ଷା ନିୟମ ପାଳନ କରିବାକୁ ଆହ୍ୱାନ ଦେଇଥିଲେ

**କୁଚିଣ୍ଡା(ବିରଞ୍ଚି ଦର୍ଡା):** କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ୭୭ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୨୨ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ମୁଖ୍ୟ ଅତିଥି କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଓ ଉପକାରାଗାରରେ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି ଜମନକିରା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ସାମ୍ବାଦିକ ସଂଘ ଅଫିସରେ ସଭାପତି ବିରଞ୍ଚି ଦର୍ଡା, ଅର୍ଡାବାହାଲ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସ,କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ପ୍ରତିଷ୍ଠାତା ସଜ୍ଜନ ଖଣ୍ଡେଲୱାଲ, କୁଚିଣ୍ଡା ଭାଜପା ଅଫିସରେ ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ପଡିଆବାହାଲ (ରାଧାମୋହନ ଷଡ଼ଙ୍ଗୀ):** ଝୁଝୁମୁରା ବ୍ଲକ ପଡିଆବାହାଲ ନିକଟ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଗତ ମାଟ୍ରିକ ପରୀକ୍ଷାରେ ସ୍କୁଲରେ ସର୍ବୋଚ୍ଚ ମାର୍କ ରଖିଥିବା ତେଜିରାଣୀ ଖଣ୍ଡାଙ୍କୁ ଅନିରୁଦ୍ଧ ପ୍ରାଞ୍ଜ ସ୍ମୃତି ପୁରସ୍କାର, ଦ୍ୱିତୀୟ ସ୍ଥାନରେ ଥିବା କୁମକୁମ ସେଠଙ୍କୁ ବିନୋଦିନୀ ବିଞ୍ଝ ଓ ତୃତୀୟ ସ୍ଥାନରେ ରହି କିରଣ୍ମୟୀ ପଧାନଙ୍କୁ ଗଙ୍ଗାଧର ସୁଞ୍ଜ ସ୍ମୃତି ପୁରସ୍କାର ମୁଖ୍ୟଅତିଥି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଠାଣି କୁମାର ପଣ୍ଡା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ପ୍ରାକ୍ତନ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅବିନାଶ ଚନ୍ଦ୍ର ଶର୍ମା, ଖବରଦାତା ରାଧାମୋହନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେରିହା ସଭା ପରିଚାଳନା ଓ ଶେଷରେ ପ୍ରେମିଶିଳା ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଢାଖୋଲ (ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ମିନିଷ୍ଟାଡିୟମଠାରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖି ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅଭିଲାଷ ପଣ୍ଡାଙ୍କୁ ଉପଜିଲାପାଳ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସେହିପରି ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ଅମରେଶ ସାହୁ ଓ ଲିପ୍ସାରାଣି ପ୍ରଧାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେଡରେ ୩୦ ଦଳ ଭାଗ ନେଇଥିବା ବେଳେ ଭୀମଭୋଇ କଲେଜ, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଗ୍ରୁପ ଶ୍ରେଷ୍ଠ ଦଳଭାବେ ପୁରସ୍କୃତ ହୋଇଥିଲେ।


ରେଢାଖୋଲଠାରେ ଉତ୍ସବରେ ଛାତ୍ର ଅଭିଲାଷ ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି।

## ସାପ କାମୁଡାରେ ଯୁବକ ଗୁରୁତର

କୋକସରା,(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କଳାହାଣ୍ଡି ଜିଲା କୋକସରା ଗ୍ରାମର କସ୍ତୁରୀ ନଗରପଡାର ବିଟୁନ ଚନ୍ଦନ(୨୦)ଙ୍କୁ ଏକ ସାପ କାମୁଡି ଥିବା ଜଣାପଡିଛି। ବୁଧବାର ସନ୍ଧ୍ୟାରେ ପାଳ ଗଦାକୁ ଛତୁ ତୋଳିବାକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ଡାହାଣ ହାତ ପାପୁଲିରେ ଦଂଶନ କରିଥିଲା। ଗୁରୁତର ଅବସ୍ଥାରେ ତାକୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## କେନାଲ ପାଣିରେ ବୁଡ଼ି ଛାତ୍ରୀ ମୃତ

ଖଡ଼ିଆଳ,୧୬।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ଥାନା ପଦମପୁର ଗାଁରେ ମେଘା ଜଳଯୋଗାଣର ଲିକ ହୋଇଥିବା ଏକ ଗର୍ତ୍ତ ପାଣିରେ ପଡି ଜଣେ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ପଦମପୁର ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ପାଇଁ ପଦମପୁର ବସ୍ତି ସାହିର ଚମ୍ପେ ପଟେଲଙ୍କ ତୃତୀୟ ଶ୍ରେଣୀର ମୋନାଲିସା ପଟେଲ ଓରଫ କାଜଲ ସ୍କୁଲ ଯାଇଥିଲେ। ସ୍ୱାଧୀନ ଦିବସ ପାଳନ ସାରି ଘରକୁ ଫେରିଥିଲେ। ଗାଁର ଅନ୍ୟ ଏକ ଝିଅ ସହ ଶୌଚ ପାଇଁ ଲୋୟର ଇନ୍ଦ୍ର ବିଭାଗର ଜଳ ଯୋଗାଣ ହେଉଥିବା ପାଇପ ଆଡକୁ ଯାଇଥିଲେ। ସେଠାରେ ମେଗା ପ୍ରୋଜେକ୍ଟର ପାଇପ ପାଣି ଲିକ ହୋଇଥିବା ଗର୍ତ୍ତ ପାଣିରେ ପଡିଯାଇ ଥିଲେ। ମୋନାଲିସାଙ୍କ ଯାଇଥିବା ଅନ୍ୟ ଜଣେ ଝିଅ ଚିତ୍କାର କରିବା ପରେ ଗ୍ରାମବାସୀ ଆସି ଉଦ୍ଧାର କରି ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣୁଥିବା ସମୟରେ ମୋନାଲିସାଙ୍କ ମୃତ୍ୟୁ ଘଟିଥିଲା। ଜଳସେଚନ ବିଭାଗରେ କାମ କରୁଥିବା ମେଘା ପ୍ରୋଜେକ୍ଟ ବିଭାଗକୁ ଗ୍ରାମବାସୀ ଦାୟି କରିଛନ୍ତି। ମେଘା ପ୍ରୋଜେକ୍ଟ ବିଭାଗ ଲିକ ହୋଇଥିବା ଗର୍ତ୍ତ ମରାମତି କରିଥିଲେ ଏହି ଅଘଟଣା ହୋଇନଥାନ୍ତା ବୋଲି କହିଛନ୍ତି। ମୃତକ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଟ୍ରକ୍ ଚକାରେ ବାଇକ୍ ଚାପିହେଲା, ଚାଳକଙ୍କ ଗୋଡ଼ ଛିଣ୍ଡିଲା

ଏମ୍.ରାମପୁର,୧୬।୮(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍.ରାମପୁର ଚାରିଛକ ସଂଯୋଗିକରଣ ସ୍ଥାନରେ ରାସ୍ତା ଅଣଓସାରିଆ ଯୋଗୁ ଅବୁ ଦୁର୍ଘଟଣା ଘଟୁଛି। ୧୫ ତାରିଖ ଆନ୍ଧ୍ରପ୍ରଦେଶରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ରାୟପୁର ଅଭିମୁଖେ ଯାଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ବାଲିଗୁଡା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଫଳରେ ବାଇକ ଟ୍ରକ ଚକ ତଳେ ଚାପି ହେଇଥିଲା। ଏଥିରେ ବାଇକ ଚାଳକ ବଡ଼ ଭୋଇ ଗୋଡ଼ ଛିଣ୍ଡି ପଡିଥିଲା। ଅନ୍ୟ ଜଣେ ଆରୋହୀ ସୀମାଞ୍ଚଳ ଭୋଇ ଗୁରୁତର ଆହତ ହେଇଥିଲେ। ଉଭୟଙ୍କୁ ମ. ରାମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ (ନଂ.ଆରଜେ୦୬ଜିସି-୫୮୭୭) ଓ ବାଇକ (ନଂ. ଓଡି୨୭ସି-୬୮୧୧) ୨ଟି ଗାଡ଼ି ଓ ଟ୍ରକ ଚାଳକ ହନୁମାନ ସିଂ ରାଠୋରଙ୍କୁ ପୋଲିସ ଅଟକ ରଖିଛି।

## ବ୍ଲକସ୍ତରୀୟ କୁରାଳ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ

କର୍ଲାମୁଣ୍ଡା,୧୬।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ବ୍ଲକସ୍ତରୀୟ କୁରାଳ ସମାଜର ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବ୍ଲକ ସଭାପତି ମୁରଲୀଧର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲା କଣ୍ଟାମାଳ ବିଧାୟକ ମହୀଧର ରଣା, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ତେରେସିଂଙ୍ଗା ସମିତି ସଭ୍ୟ ଚନ୍ଦ୍ରମା ରଣା ପ୍ରମୁଖ ଯୋଗଦେଇ କୁମ୍ଭକାରମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ବ୍ଲକ ସଭାପତି ରୋହିତ କୁମାର ରଣା ସଭା ସଂଯୋଜନା କରିଥିବା ବେଳେ ବ୍ଲକ ସମ୍ପାଦକ ଗୌରକିଶୋର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭବନ ନିର୍ମାଣ ପାଇଁ ଭୂମିଦାନ କରିଥିବା ୪ଜଣ ବ୍ୟକ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ରଣା, ପୂର୍ବତନ ସରପଞ୍ଚ ନାରାୟଣ ରଣା, ବିଦେଶୀ ରଣା ଓ ଚନ୍ଦ୍ର ରଣାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏଥିସହିତ ଭବନ ନିର୍ମାଣ ପାଇଁ ପୂର୍ବତନ ବ୍ଲକ ସଭାପତି ରୋହିତ ରଣା ବ୍ୟକ୍ତିଗତ ଭାବେ ୨୫ ହଜାର ଟଙ୍କା ସହାୟତା କରିଥିବାରୁ ତାଙ୍କୁ ଓ ତାଙ୍କ ସ୍ତ୍ରୀ ମଞ୍ଜୁ ରଣାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏଥିସହିତ ୧୯୭୪ରେ ରିଷିଡାଠାରେ ରାଜ୍ୟସ୍ତରୀୟ କୁମ୍ଭକାର ସମାଜର ମହାସଭା ଆୟୋଜନ କରିଥିବା ନନ୍ଦକିଶୋର ରଣା (କ) ଓ ନନ୍ଦକିଶୋର ରଣା (ଖ)ଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ରଣା, ଜଗମୋହନ ରଣା, ଶତ୍ରୁଘ୍ନ ରଣାଙ୍କ ସମେତ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ।

# ଠିକ୍ ଦାୟିତ୍ୱ, କର୍ତ୍ତବ୍ୟ ତୁଲାଇବାକୁ ଆହ୍ୱାନ



ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଭବାନୀପାଟଣା,୧୬।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମଙ୍ଗଳବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଦେଶ ତଥା ଆମ ରାଜ୍ୟର ବିକାଶର ଅଗ୍ରଗତି ସହିତ ତାଳଦେଇ କଳାହାଣ୍ଡି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ୫-ଟି ହାଇସ୍କୁଲ, ଉତ୍କେଳା ଏୟାର ଷ୍ଟ୍ରିପ, ମିଶନ ଶକ୍ତି, ମେଡ଼ିକାଲ କଲେଜ ବିଷୟ ଉଲ୍ଲେଖ କରିଥିଲେ। ଲୋକଙ୍କ ଜୀବନ ମାନଦଣ୍ଡ ଆହୁରି ଆଗକୁ ନେବାକୁ ହେଲେ ସମସ୍ତେ ନିଜ କ୍ଷେତ୍ରରେ ଠିକ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାକୁ ଉପସ୍ଥିତ ଜନତାଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥିଙ୍କ ସହ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜି. ଉପସ୍ଥିତ ଥିଲେ।

ପରେଡରେ ମୋଟ ୪୧ଟି ଶିକ୍ଷାନୁଷ୍ଠାନ ଓ ପୋଲିସ ପ୍ଲାଟୁନ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କଠାରୁ ପରେଡ ପ୍ରତିଯୋଗିତାର ବିଜୟୀ ଦଳ ରନିଂ ସିଲ୍ଡ ଓ କପ ଗ୍ରହଣ କରିଥିଲେ। ସିନିୟର ଏନ୍‌ସିସିରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ (ଆର୍ମି ୱିଂ), ଜୁନିୟର ଏନ୍‌ସିସିରେ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସ୍କାଉଟରେ ମାଣିକେଶରୀ ହାଇସ୍କୁଲ, ଗାଇଡରେ ସିଟିଜନ ଇଂଲିଶ ମୋଡେଲ ବିଦ୍ୟାଳୟ, ଜୁନିୟର ରେଡକ୍ରସରେ ସରସ୍ୱତୀ ବିଦ୍ୟାମନ୍ଦିର ବ୍ରଜବିହାର, ସିନିୟର୍ ସିଭିଲିଏନରେ ପୋଲିସ ହାଇସ୍କୁଲ, ଜୁନିୟର ସିଭିଲିଏନରେ ଶ୍ରୀ ସତ୍ୟସାଇ ବିଦ୍ୟା ମନ୍ଦିର, ବେଷ୍ଟ ପ୍ଲାଟୁନ କମାଣ୍ଡରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ (ନାଭାଲ ୱିଂ)ର କମାଣ୍ଡର ରନିଂ ସିଲ୍ଡ ଓ ଟ୍ରଫି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଶିକ୍ଷା ଓ ପ୍ରତିଯୋଗିତା କ୍ଷେତ୍ରର ଉତ୍କୃଷ୍ଟତା ଲାଭ କରିଥିବା ବିଦ୍ୟାର୍ଥୀ/ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଚାରକ ଭାବେ ଦୁର୍ଗା ପ୍ରସାଦ ମିଶ୍ର, ମଦନ ସିଂହ, ସିଆର୍‌ପିଏଫ ସନ୍ତୋଷ ବିଶାଳ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଓ କଲେଜସ୍ତର ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, ପୌର ପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ଉପଜିଲାପାଳ ଭବାନୀପାଟଣା ଡ .ବିଶ୍ୱଜିତ୍ ଦାସ ପ୍ରମୁଖ ଯୋଗଦେଇଥିଲେ। ପରେଡ ଗ୍ରାଉଣ୍ଡ ଓ ଟାଉନ ହଲର ସମସ୍ତ କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଡ .ଉମେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ। ପରେଡ ଗ୍ରାଉଣ୍ଡର ପୁରସ୍କାର ବିତରଣରେ ଶିକ୍ଷକ ରବି କାନୁନଗୋ, ଶୁଭେନ୍ଦୁ ଶେଖର ବେହେରା, ସଞ୍ଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୨୩ଟି ଅନୁଷ୍ଠାନ ନିଜର କଳା ପ୍ରଦର୍ଶନ କରିଥିଲେ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

# ସବୁଠି ଉଡ଼ିଲା ଜାତୀୟ ପତାକା



ଲାଞ୍ଜିଗଡ଼ ବ୍ଲକରେ ଆୟୋଜିତ ସ୍ୱାଧୀନତା ଦିବସ।

ନର୍ଲା,୧୬।୮(ସନ୍ତୋଷ ପାତ୍ର)

ନର୍ଲା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ସାଧୀନତା ଦିବସ ପାଳିତ ହୋଇ। ନର୍ଲା ସହର ହାଇସ୍କୁଲ ପଡିଆଠାରେ ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓଙ୍କ ସହିତ ଯୁକ୍ତ ୨, ଯୁକ୍ତ ୩ କଲେଜ ଅଧାପିକା, ଅଧାପକ, ଶିକ୍ଷକ ଶିକ୍ଷୟିତ୍ରୀ ସମୁହ ଉପସ୍ଥିତ ଥିଲେ।

**ପଲମ,(ଭିକାରି ଗଉଡ):** ନର୍ଲା ବ୍ଲକ ଅଧୀନ ପଲମ ରାଜିବଗାନ୍ଧୀ ସେବା କେନ୍ଦ୍ର ଓ ୟୁଜିବି ବ୍ୟାଙ୍କରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭଗବତ ଘିଭେଲା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପ୍ର ବଗର୍ତ୍ତୀ, ଗୋବିନ୍ଦ ମାଝି, ଯୁବରାଜ ଜାନୀ ପ୍ରମୁଖ ଶିକ୍ଷକମାନେ ଯୋଗଦେଇଥିଲେ। ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଓ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ବ୍ଲକର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଚକଲେଟ ପ୍ରଦାନ କରିଥିଲେ। ପଲମ ପିଇଓ ଧନ୍ୟବାଦ ଅର୍ପଣ କରିଥିଲେ।

**କର୍ଲାମୁଣ୍ଡା,(ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭୋଇରମୁଣ୍ଡାଠାରେ ଗଜାନନ ଯୁବକ ସଂଘ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ସ୍ୱାଧୀନତା ଦିବସରେ କର୍ଲାମୁଣ୍ଡା ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ମୁଖ୍ୟଅତିଥି, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅଜିତ କୁମାର ସାହୁ ବିଶିଷ୍ଟ ଅତିଥି, ଅମର ଡିଗ୍ରୀ କଲେଜ କୁସୁର୍ଲା ଅଧାପକ ରବୀନ ନନ୍ଦ ମୁଖ୍ୟବକ୍ତା, ନାଏବ ସରପଞ୍ଚ ସନ୍ଧ୍ୟାରାଣୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଯୁବ ସଙ୍ଗଠକ ଦେବେନ୍ଦ୍ର କୁମାର ସଂଯୋଜନା କରିଥିଲେ। ସହ ସମ୍ପାଦକ ଜଳନ୍ଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘ ସଭାପତି ଗିରିଧାରୀ ସାହୁ ସଭାପତିତ୍ୱ କରିଥିଲେ। ସେହିପରି ବ୍ଲକସ୍ତରୀୟ ଉତ୍ସବରେ ଅଧକ୍ଷା କୁନି ସାହୁ, ତହସିଲ ଅଫିସରେ ତହସିଲଦାର ମିଳନ ଝାଙ୍କର, ରିଷିଡା ପଞ୍ଚାୟତରେ ସେବତୀ ରଣା, ଆଇସିଡିଏସରେ ସିଡିପିଓ ଗିରିଜା ଗୁଡୁଲା, ସ୍ୱାଭିମାନ ମଞ୍ଚରେ ସଭାପତି ଲଛମନ ଭୋଇ, ଜ୍ୟୋତି ବିକାଶରେ ଫକୀର ଚରଣ ସାହୁ, ରିଞ୍ଜାଠାରେ ସରପଞ୍ଚ ପଞ୍ଚାନନ ବାଗ ପତାକା ଉତ୍ତୋଳନ କରିଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଯୁବକ ସଂଘ ପକ୍ଷରୁ ଲାଞ୍ଜିଗଡ ଖେଳ ପଡିଆଠାରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ପତକା ଉତ୍ତୋଳନ କରିଥିବା ବେଳେ ସମସ୍ତ ସ୍କୁଲ ଛାତ୍ରୀଛାତ୍ର ପରେଡ଼ ପ୍ରଦର୍ଶନ କରିଥିଲେ। ଲାଞ୍ଜିଗଡ଼ ସଦରଠାରେ ପ୍ରଥମ ଥର କଳାହାଣ୍ଡି କ୍ଷେତ୍ରୀୟ ପାଇକ ସମାଜ ଲାଞ୍ଜିଗଡ ପକ୍ଷରୁ କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ ପତକା ଉତ୍ତୋଳନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ଓ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ତଥା ପୂର୍ବତନ ବିଧାୟକ ଶିବାଜୀ ମାଝି ପତକା ଉତ୍ତୋଳନ କରିଥିଲେ। ସେହିପରି କୁଟିଆକନ୍ଧ ଉନ୍ନୟନସଂସ୍ଥା, ତ୍ରିଲୋଚନପୁର ପଞ୍ଚାୟତ, ଡିଏଭି ବେଦାନ୍ତ ଅନ୍ତର୍ଜାତିୟ ବିଦ୍ୟାଳୟ, ଲାଞ୍ଜିଗଡ ଓ ବିଶ୍ୱନାଥପୁର ଥାନା, ଏସଏସଡି ସ୍କୁଲ, ବେଦାନ୍ତ ମେଡ଼ିକାଲ ସହ ବିଭିନ୍ନ ଅଫିସ, ସ୍କୁଲ, କଲେଜରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ ହୋଇଥିଲା।

**କୋକସରା,(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ):** କୋକସରା ବ୍ଲକସ୍ତରୀୟ ସାଧୀନତା ଦିବସ ସଦର ଗୁଡହାଣ୍ଡି ମଞ୍ଚଠାରେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ ଛାତ୍ରୀଛାତ୍ରୀମାନେ ପରେଡ଼ ପ୍ରଦର୍ଶନ କରିଥିଲେ। ବିଡିଓ ଉତ୍ତମ ବାଗ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ଉପସ୍ଥିତ ରହିଥିଲେ। ଜବାହର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ପରେଡ଼ ପରିଚାଳନାରେ ସହଯୋଗ କରିଥିଲେ। କୋକସରା ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ମଞ୍ଚ ପରିଚାଳନା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ କରିଥିଲେ।

# ନୂଆପଡ଼ା ଜିଲାରେ ପାଳିତ ହେଲା ସ୍ୱାଧୀନତା ଦିବସ

ନୂଆପଡ଼ା,୧୬।୮(ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଅତିରିକ୍ତ ଜିଲାପାଳ ଇନ୍ଦ୍ରମଣୀ ବେହେରା, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଶ, ଜିଲା ମୁଖ୍ୟ ନିର୍ବାହ ଅଧିକାରୀ ମଧୁଛନ୍ଦା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେଡରେ ସିନିୟର, ଜୁନିୟର, ସବଜୁନିୟର ପୋଲିସ ବିଭାଗରୁ ମୋଟ ୨୬ଟି ଗ୍ରୁପ ଭାଗ ନେଇଥିଲେ। ସିନିୟର ବିଭାଗରୁ ଶ୍ରୀସାଇ କଲେଜ କୁରୁମପୁରି, ଜୁନିୟରରେ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୋଭାଲ ୱିଙ୍ଗ ଓ ସବ ଜୁନିୟରରେ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ରେଡକ୍ରସ ପ୍ରଥମ ଭାବେ ପୁରସ୍କୃତ ହୋଇଛନ୍ତ। ଆୟୋଜିତ ଦେଶାତ୍ମକବୋଧ ସଙ୍ଗିତ, ଓଡିଆ ବକ୍ତୃତା, ଇଂରାଜୀ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତି ଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।





ସ୍ୱାଧୀନତା ଦିବସରେ ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି।

**ବୋଡେନ,(ଟିକେଶ୍ୱର ନାଗ):** ବୋଡ଼େନ ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମାଝିଙ୍କ ଉପସ୍ଥିତରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରଧାନ ଗୁରୁଜୀ ମୁରଲୀ ଧର ହୋତା ପରିଚୟ ପ୍ରଧାନ କରିଥିଲେ। ପରିଚାଳନା କମିଟି ଉପଦେଷ୍ଟା କମିଟିବୃନ୍ଦ ଉପସ୍ଥିତ ଥିବା ବେଳେ ଅଭିଭାବକମାନେ ଓ ଗୁରୁଜୀ ଓ ଗୁରମା ସହଯୋଗ କରିଥିଲେ। ସେହିପରି ବୋଡ଼େନ ବିଜୁପଟ୍ଟନାୟକ ଜୁନିୟର ମହାବିଦ୍ୟାୟଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମହାବିଦ୍ୟାୟଳୟ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ପତାକା ଉତ୍ତୋଳନ କରିଥିଲେ। ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ):** ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡ଼ିଆଠାରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ଖଡ଼ିଆଳ ବିଡିଓ ବିରସେନ ବେହେରା, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ଏନଏସି ଇଓ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ବ୍ଲକ ଅଧକ୍ଷ୍ୟା ପୁଷ୍ପାଞ୍ଜଳି ନନ୍ଦ ସହିତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଗୌରାଙ୍ଗ ସାହୁ, ଏନସିସି ଅଫିସର ଶିକ୍ଷକ ଜିତେନ୍ଦ୍ର ଦଣ୍ଡସେନା ଖେଳ ଶିକ୍ଷକ ରତନ ବାରିକ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ, ସ୍କୁଲ କଲେଜ ଛାତ୍ରୀଛାତ୍ର ଏବଂ ଜାତୀୟ ସେବା ବାହିନୀ, ଏନସିସି ବାହିନୀ ପରେଡରେ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର, ଅଗ୍ରସେନ ଧର୍ମଶାଳା, ଯାଦବ ସମାଜ ଭବନ, କ୍ଷତ୍ରିୟ ସମାଜ ଭବନ, ଅରବିନ୍ଦ ଶିକ୍ଷା କେନ୍ଦ୍ର, ନେହେନା ନବଜ୍ୟୋତି ଯୁବକ ସଂଘ, ମହମାୟା କଲେଜ, ଲୋୟର ଇନ୍ଦ୍ର ବିସ୍ଥାପିତ ସମିତି, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନ ଦିବସ ପାଳନ କରାଯାଇଥିଲା।

# ଜିଲାପାଳ ଏକାଦଶ ଚାମ୍ପିୟନ

ଭବାନୀପାଟଣା,୧୬।୮(ଉତ୍ତମ କୁମାର ଦାଶ)

**ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଟୁର୍ନାମେଣ୍ଟ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଷ୍ଟାଡିୟମଠାରେ ମଙ୍ଗଳବାର ଅପରାହ୍ନରେ ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲା ସାମ୍ବାଦିକ ଏକାଦଶ ଓ ଜିଲାପାଳ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଏକାଦଶ ଜିଲା ସାମ୍ବାଦିକ ଏକାଦଶଙ୍କୁ ୨-୧ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ଦେବେନ୍ଦ୍ର ରାଉତ, ଅଶୋକ ବାଗ,ରଞ୍ଜନ ଦାଶ ପରିଚାଳନା କରିଥିଲେ। ଜିଲା ଏଥେଲେଟିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା କମେଣ୍ଟ୍ରି କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସାମ୍ବାଦିକ ସଂଘ ସଭାପତି ଶାନ୍ତନୁ କୁମାର ବେହେରା, ବରିଷ୍ଠ ଖବରଦାତା ଉମାଶଙ୍କର କର, ଦେବେନ୍ଦ୍ର ବିଶି ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣୀ ସଭା ବିରଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।



ଚାମ୍ପିୟନ ଓ ରନର ଅପ୍ ୨ ଦଳର ଖେଳାଳିଙ୍କ ସହ ଅତିଥିଗଣ।

# ଶିକ୍ଷକ ନିଯୁକ୍ତି ଦାବିରେ ତାଲା ପକାଇଲେ ଗ୍ରାମବାସୀ

ବେହେରା,୧୬।୮(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ବୁଧବାର ପରିଚାଳନା କମିଟି, ଅଭିଭାବକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଅନିର୍ଦ୍ଦିଷ୍ଟକାଳ ପାଇଁ ତାଲାବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ଧାରଣାସ୍ଥଳରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ସହ ଅଧିକାରୀ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ହିଁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରି ନ ଥିବା ବେଳେ ଉତ୍ତେଜିତ ଗ୍ରାମବାସୀ ଅଧିକାରୀଙ୍କୁ ଅଟକ ରଖିଥିଲେ। ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନି ମାଝି, କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ହିଁ ଗ୍ରାମବାସୀ ଜିଦରେ ଅଟଳ ରହିଥିଲେ। ଦାବି ପୂରଣ ନ ହେବା ଯାଏଁ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସ୍କୁଲ କମିଟି ଏବଂ ଗ୍ରାମବାସୀ ଚେତବାନୀ ଦେଇଛନ୍ତି। ସୂଚନା ମତେ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୨୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତ ଭିତରେ ଠେଲି ହୋଇଯାଉଛି। ସରକାରଙ୍କ ନିୟମ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପ୍ରତ୍ୟେକ ୩୦ଜଣ ଛାତ୍ରୀଛାତ୍ରରେ ଜଣେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ରହିଛି। ହେଲେ ଏହି ବିଦ୍ୟାଳୟରେ ମୋଟ ୨୨୨ଜଣ ଛାତ୍ରୀଛାତ୍ରଙ୍କୁ ୩ଜଣ ଶିକ୍ଷକ ରହିଛନ୍ତି। ଛାତ୍ରୀଛାତ୍ର ଅନୁପାତରେ ବିଦ୍ୟାଳୟରେ ୭-୮ଜଣ ଶିକ୍ଷକ ନିଯୁକ୍ତି ରହିବ ନିୟମ ଥିଲେ ହିଁ ଧର୍ମକୁ ଆଖିଠାର ଭାବେ କେବଳ ୩ଜଣ ଶିକ୍ଷକରେ ପାଠପଢା ଚାଲିଛି। ଏହାକୁ ବିରୋଧ କରିବା ସହ ଆଉ ୫ଜଣ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଧାରଣାରେ ସ୍କୁଲ କମିଟି ସଭାପତି କ୍ଷମରାଜ ମେହେର, ସରପଞ୍ଚ ଜୟନ୍ତୀ ବାଗ, ଦିଗାମ୍ବର ଦୁରିଆ, ବାଳମତି ପୂଝାରୀ, କନକ ମେହେର, ଭୋଜରଜ ମାଝି, ଭବାନୀ ନାଏକ, କୃଷ ମାଝି, ତୁଳସୀ ରାମ ନାଏକ, ଭକ୍ତରାମ ମେହେର, ଦିକଚାନ୍ଦ ନାଏକ, ମହେଶ୍ୱର ନାଏକ ପ୍ରମୁଖ ସାମିଲ ହୋଇଛନ୍ତି। ଧର୍ମଗଡ଼ କଂଗ୍ରେସର ଏକ ଟିମ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି।



ସ୍କୁଲରେ ତାଲା ପକାଇ ପରିଚାଳନା କମିଟି, ଅଭିଭାବକମାନେ ଧାରଣାରେ ବସିଛନ୍ତି।

**ଜୟନ୍ତପୁର ପ୍ରାଥମିକ ବିଦ୍ୟାଳୟ**

■ ୨୨୨ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ

## ସଂକ୍ଷେପରେ

### ୧୮ରେ ବ୍ଲକ ଘେରାଉ କରିବ କଂଗ୍ରେସ



ସୋନପୁର,୧୬।୮(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆସନ୍ତା ୧୮ ତାରିଖ ଶୁକ୍ରବାର ବ୍ଲକ ଘେରାଉ କରିବ ସୁବର୍ଣ୍ଣପୁର ଜିଲା କଂଗ୍ରେସ। ଏହି ଦିନ ଜିଲାର ସମସ୍ତ ୬ ଗୋଟି ବ୍ଲକ କାର୍ଯ୍ୟାଳୟକୁ ପୂର୍ବାହ୍ନରେ ଘେରାଉ କରାଯିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା ବୁଧବାର ସୋନପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବ୍ଲକ ଅଫିସଗୁଡିକରେ ବ୍ୟାପକ ପିସି କାରବାର ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ସବୁ ସୀମା ଟପିଛି। ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରା ଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ସେହିପରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଛି । ପିସି କାରବାର, ବେକାରୀ, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି ଓ ଟାଟା କମ୍ପାନୀର ଖାଉଟି ବିରୋଧୀ ବିଜୁଳି ନୀତି ପ୍ରତିବାଦରେ ଏହି ଘେରାଉ କରାଯିବ ବୋଲି ପଣ୍ଡା କହିଛନ୍ତି । ଜିଲାର ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ସମ୍ମୁଖରେ ଏକକାଳୀନ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ଶେଷଦେବ ମେହେର ଓ ରଞ୍ଜିତ୍ ରାୟ ପ୍ରମୁଖ ସାମିଲ ଥିଲେ।

### ସାପ କାମୁଡ଼ାରେ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ

ସୋନପୁର,୧୬।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ତେଲ ନଦୀ କୂଳରେ କୁଡିଆ କରି ଏକାକୀ ରହୁଥିବା ଜଣେ ଶ୍ରମିକଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତ ଶ୍ରମିକଙ୍କ ନାମ ଗୁଦୁ ଓରଫ ଉମାଶଙ୍କର ବେହେରା(୪୦)। ତାଙ୍କ ଘର ବଲାଙ୍ଗୀରର ତଳପଲିପଡାରେ। ଗୁଦୁ କିଛି ବର୍ଷ ହେବ ସୋନପୁର ସହରରେ ରହୁଥିଲେ। ନଦୀରେ ଭାସି ଯାଉଥିବା କାଠଗୁଡିକୁ ଆଣି ତାହାକୁ ସହରରେ ବିକ୍ରି କରୁଥିଲେ। ଅନ୍ୟ ସମୟରେ ଶ୍ରମିକ ଭାବେ କାମ କରି ଚଳୁଥିଲେ। ଅଗଷ୍ଟ ୧୫ ତାରିଖ ସକାଳେ ତାଙ୍କ ମୃତଦେହ କୁଡିଆରେ ପଡିଥିବା ଦେଖିବାକୁ ମିଳିଥିଲା। ମୃତଦେହ କଳା ପଡି ଯାଇଥିଲା। ପୋଲିସ ସୂଚନା ପାଇବା ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୌଣସି ବିଷଧର ସାପ କାମୁଡାରେ ଗୁଦୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ବୁଧବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶ୍ରମିକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

### ମନ୍ତ୍ରୀଙ୍କୁ ସାକ୍ଷାତ କଲେ ନବନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ଘଣ୍ଟାପଡ଼ା,୧୬।୮(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲାର ଆଦିବାସୀଙ୍କ ବିକାଶ ଓ ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ପୂର୍ବତନ କନ୍ଧମାଳ ବିଧାୟକ ଭଗବାନ କହଁରଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ନବନିଯୁକ୍ତ ଅଧ୍ୟକ୍ଷ କହଁର ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ କରିଥିଲେ। ମନ୍ତ୍ରୀ ସେଠାରେ ଅଧ୍ୟକ୍ଷ କହଁରଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରି ଆଗାମୀ ଦିନରେ ଆଦିବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଥମ ଥର ପାଇଁ ବୌଦ୍ଧ ଜିଲାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଘଣ୍ଟାପଡ଼ା ଆଦିବାସୀ ଉନ୍ନୟନ ପରିଷଦର ସଭାପତି ସାମନ୍ତ ମାଝୀ, ସମ୍ପାଦକ ଧର୍ମୁ କହଁର, ଘାସିରାମ ପୁଟା, ବଂଶୀଧର ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାର ହସ୍ତତନ୍ତ, ସଂସ୍କୃତି ଓ ପରମ୍ପରା ମହାନ୍

ସୋନପୁର,୧୬।୮(ନି.ପ୍ର.)

ସୁବର୍ଣ୍ଣପୁର ସହରର ରାମେଶ୍ୱରସ୍ଥିତ ଷ୍ଟାଡିୟମଠାରେ ମଙ୍ଗଳବାର ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ସଂଗ୍ରାମୀ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବଜାୟ ରଖିବା ସହ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଏକ ସମୃଦ୍ଧ ରାଷ୍ଟ୍ର ଗଠନର ସଙ୍କଳ୍ପ ଓ ଅଙ୍ଗୀକାରବଦ୍ଧତା ନେଇ ଆଗକୁ ବଢିବାକୁ ମନ୍ତ୍ରୀ ସାହୁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର ସମୃଦ୍ଧ ହସ୍ତତନ୍ତ ବାନ୍ଧକଳାକୁ ପ୍ରଶଂସା କରିବା ସହ ଜିଲାର ଗାରିମାମୟ ଇତିହାସ, ପର୍ଯ୍ୟଟନ ଓ ସଂସ୍କୃତି ମହାନ ବୋଲି କହିଥିଲେ। ଏହି ଜିଲାକୁ ଶ୍ରେଷ୍ଠ ଓ ସମୃଦ୍ଧ କରିବାକୁ ମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଥିଲେ। ସମ୍ମିଳିତ ପରେଡ୍‌ରେ ଆରକ୍ଷୀ ବିଭାଗର ପ୍ଲାଟୁନ୍, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟ, ଏନସିସି ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ମୋଟ ୩୭ଟି ଦଳ ଭାଗ ନେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଡିଆରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେଡ୍ ପ୍ରତିଯୋଗିତା ଗ୍ରୁପ୍ ଏ ସିନିୟର ଡିଭିଜନ ଏନସିସିରେ ସୋନପୁର କଲେଜ ପ୍ରଥମ, ଗ୍ରୁପ୍ ବି ସ୍କାଉଟ୍‌ସ ଏଣ୍ଡ ଗାଇଡ୍‌ସରେ ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରଥମ, ଗ୍ରୁପ୍ ସି ରେଡକ୍ରସ ଏନଏସଏସରେ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ ପ୍ରଥମ, ଗ୍ରୁପ୍ ଡି ସିଭିଲିଆନ ସିନିୟର ବର୍ଗରେ ସୋନପୁର ସରକାରୀ ପଲିଟେକ୍‌ନିକ୍ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସିଭିଲିଆନ ଜୁନିୟର ବର୍ଗରେ ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ ପ୍ରଥମ, ସିଭିଲିଆନ ସବ୍‌ଜୁନିୟର ବର୍ଗରେ ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା।



ମନ୍ତ୍ରୀ ରୀତା ସାହୁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

### ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ଜିଲାପାଳ ବିମଳେନ୍ଦୁ ରାୟ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ସକାଳେ ଜିଲା ପ୍ରଶାସନ ପକ୍ଷରୁ ସହରରେ ଅବସ୍ଥିତ ବିଭିନ୍ନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାମେଶ୍ୱର ନିକଟସ୍ଥ କୁଷ୍ଠ କଲୋନୀର ଅନ୍ତେବାସୀ, ସୋନପୁର ବାଳାଶ୍ରମର ଅନ୍ତେବାସୀ, ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ, ଜିଲା କାରାଗାରର ଅନ୍ତେବାସୀ, କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ନୂତନ ଟାଉନ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା



ବୀରମହାରାଜପୁରରେ ଅନୁଷ୍ଠିତ ପରେଡ୍ ।

ଅମରପାଲି,୧୬।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଖଣ୍ଡ ସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଅଞ୍ଚଳର ସଂଗ୍ରାମୀମାନଙ୍କ ବଳିଦାନ ଓ ତ୍ୟାଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତେ ଏକତ୍ରିତ ହୋଇ ଅଞ୍ଚଳର ବିକାଶରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁରର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ସହକାରୀ ଜିଲାପାଳ ଏ.କେ. ମିର୍ଦ୍ଧା, ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ, ବୀରମହାରାଜପୁର ମହାବିଦ୍ୟାଳୟ ଏନସିସି ବିଭାଗର ଅଧ୍ୟାପକ କ୍ୟାପଟେନ ସୂର୍ଯ୍ୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ବିଭିନ୍ନ ସ୍କୁଲ, କଲେଜରୁ ୩୩ଟି ଦଳ ପରେଡରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ନରେନ୍ଦ୍ର ଚାନ୍ଦ ପରେଡ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଶିଷ ପ୍ରିୟଦର୍ଶୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିବୁଧ ଗଣନାୟକ, ବରିଷ୍ଠ ନାଗରିକ ସଙ୍ଗଠନର କାର୍ଯ୍ୟାଳୟରେ ଅନୁଷ୍ଠାନର ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ ପତାକା ଉତ୍ତୋଳନ କରିଥିଲେ। ବୀରମହାରାଜପୁରର ମହାବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ରାଧାକାନ୍ତ ମହାକୁଡ଼, ବୀରମହାରାଜପୁରର ଉପଖଣ୍ଡ ସାମ୍ବାଦିକ କାର୍ଯ୍ୟାଳୟରେ ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର, ବୀରମହାରାଜପୁରର ବାଳକ ହାଇସ୍କୁଲରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବୀରମହାରାଜପୁରର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ସାକାର କରିବାକୁ ଆହ୍ୱାନ

ବୌଦ୍ଧ,୧୬।୮(ଅଜିତ କୁମାର ବାରିକ)

ବୌଦ୍ଧରେ ମଙ୍ଗଳବାର ଦିନ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୌଦ୍ଧ ସହରର ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଦେଶ ସ୍ୱାଧୀନ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆରବି ୫ମ ବାଟାଲିୟନ, ଜିଲା ପୋଲିସ ଯବାନ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରେଡ କରିଥିଲେ। ପରେଡକୁ ରିଜର୍ଭ ଇନ୍‌ସପେକ୍ଟର କୁଳମଣି ଗିରି ପରିଚାଳନା କରିଥିଲେ। ସର୍ଜେଣ୍ଟ ଦୁଷ୍ମନ୍ତ ସାହୁ ସହଯୋଗ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବା ପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ଛକରେ ସ୍ଥାପିତ ମହାତ୍ମାଗାନ୍ଧୀ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ, ବାବା ସାହେବ ଆମ୍ବେଡକର, ଗଙ୍ଗାଧର ମେହେର, ବିଜୁ ପଟ୍ଟନାୟକ, ନଟବର ପ୍ରଧାନ, ସ୍ୱାମୀ ବିବେକାନନ୍ଦ, ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଉତ୍ସବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

### ଦେଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ

ବୌଦ୍ଧ, ୧୬।୮(ଅଜିତ କୁମାର ବାରିକ )

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା କୋର୍ଟ ପରିସରରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରୀତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଦେଶର ମହାପୁରୁଷଙ୍କ ପାଇଁ ଆଜି ଆମେ ସ୍ୱାଧୀନତା ପାଇଛୁ ବୋଲି କହିବା ସହ ସମସ୍ତେ ଦେଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସାହୁ, ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ ସାମିଲ ଥିଲେ।



ବିନିକା କଲେଜ ପଡିଆଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ବିନିକା,(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାତଃ ୪ଟାରେ ନଗରପାଳ ସୁବାଷ ଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ସହରାଞ୍ଚଳର ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତ ଫେରି, ସକାଳ ସାଢେ ୭ଟାରେ ଆମ୍ବେଡକର ଛକଠାରେ ବାବାସାହେବ ଡ.ବି ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ୮ଟାରେ ସହରର ସମସ୍ତ ସ୍କୁଲ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନରେ ପଦାଧିକାରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ୯ ଟାରେ ସ୍ଥାନୀୟ କଲେଜ ପଡିଆଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଦେଶ ସ୍ୱାଧୀନତା ପାଇଁ ମହାପୁରୁଷମାନଙ୍କର ଅବଦାନ ଓ ବଳିଦାନ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ, ବରିଷ୍ଠ ବିଜେଡି ନେତା ବିନୋଦ ନାଏକ, ବିଜୟ ବରାଇ, ନଗର ସଭାପତି ସୋମନାଥ ମିଶ୍ର, ଓଡିଶା ସଙ୍ଗୀତ ସାହିତ୍ୟ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୧୧ଟି ଦଳରେ ସହରାଞ୍ଚଳର ଛାତ୍ରୀଛାତ୍ର ସାମିଲ ହୋଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ସୁନାଗରିକ ହେବା ପାଇଁ ପରାମର୍ଶ

ତରଭା,୧୬।୮(ମାନଭଞ୍ଜନ ମିଶ୍ର)

ବୁଧବାର ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ଏଇଏସ କଲେଜର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସୁଶ୍ରୀ ମିନତୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କର୍ମ ଓ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ବନ୍ଦିତା ନାୟକ ଯୋଗଦେଇଥିଲେ। ଅତିଥିମାନେ ପାଠପଢା ପ୍ରତି ଗୁରୁତ୍ୱ ଦେବା ସହ ସୁନାଗରିକ ହେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥିମାନେ ପ୍ରତିଷ୍ଠାତା ସଦସ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କଲେଜର ଇତିହାସ ଉପରେ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର ଆଲୋକପାତ କରିଥିଲେ। ଅଧ୍ୟାପକ ଅବିନାଶ ଦାଶ ଓ ଅଧ୍ୟାପିକା ମୋନାଲିସା ପଧାନ ମଞ୍ଚ ପରିଚାଳନା କରିଥିଲେ। ସନ୍ତୋଷ କୁମାର ଚାନ୍ଦ ଓ ସଞ୍ଜୀବ କୁମାର ସାହୁ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଉତ୍ସବରେ କଲେଜର ପ୍ରତିଷ୍ଠାତା ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମ୍ବାଦିକ ରାଜକୁମାର ମାହାଣା, ଅନ୍ତର୍ଯାମୀ ସାହୁ, କପିଳାସ ସେଠ ଓ ମାନଭଞ୍ଜନ ମିଶ୍ରଙ୍କୁ ମଧ୍ୟ ଉପଢୌକନ ଦେଇ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ।ମାନଭଞ୍ଜନ ମିଶ୍ର ଏହି କଲେଜରେ ପଢିବା ବେଳର ଅନୁଭୂତି ବର୍ଣ୍ଣନା କରିଥିଲେ। ଉତ୍ସବରେ ଯୁକ୍ତ ଦୁଇ କଳା,ବିଜ୍ଞାନ ଓ ଯୁକ୍ତ ତିନି କଳା, ବିଜ୍ଞାନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶେଷରେ ଅଧ୍ୟାପକ ଅବିନାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଏଇଏସ କଲେଜର ପ୍ରତିଷ୍ଠା ଦିବସ ପାଳିତ

### ସ୍ୱାଧୀନତା ଦିବସ ପାଳିତ

ବାଉଁଶୁଣୀ,୧୬।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଜାତୀୟ ଦିବସ ପାଳନ ପରିଚାଳନା କମିଟି ସହଯୋଗରେ ପାଳିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଁଇଠୁ ମହାଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ପରେଶ ପଟ୍ଟନାୟକ ବାଉଁଶୁଣୀ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ, ଡ. ରୁଦ୍ରାଶିଷ ସେଠୀ ପଶୁ ଚିକିତ୍ସକ, ଅଶ୍ୱିନୀ ନାଏକ ଶିକ୍ଷା ବିକାଶ ସମିତି ସଂଯୋଜକ, ଜାତୀୟ ଦିବସ ପାଳନ ପରିଚାଳନା କମିଟିର ସଂଯୋଜକ ସୁନିଲ ବାରିକ ଉପସ୍ଥିତ ରହି ଭାଷଣ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେଡରେ ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ବାଉଁଶୁଣୀ ପ୍ରଥମ, ଦ୍ୱିତୀୟ ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସ୍କାଉଟ୍‌ସ ଟିମ୍ ଓ ବୀଣାଭାରତୀ ମଡେଲ ପବ୍ଲିକ ସ୍କୁଲ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ପ୍ରବିଣ ମିଶ୍ର, ଆନନ୍ଦ ରଥ, ପ୍ରଫୁଲ୍ଲ ପତି, ସନ୍ତୋଷ ଥେନାପତି ପ୍ରମୁଖ ସହଯୋଗ କରିଥିଲେ।



ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ସ୍ୱାଧୀନତା ଦିବସ ପାଳନ ।

ଡୁଙ୍ଗୁରିପାଲି,(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ୭୭ତମ ସ୍ୱାଧୀନତା ଦିବସ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଆରସିଏମଏସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବ୍ଲକ ସାମ୍ବାଦିକ ସଂଘର ବରିଷ୍ଠ ପରାମର୍ଶଦାତା ସାମ୍ବାଦିକ ପବିତ୍ର ମୋହନ ପାଣିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଯୁବ ପିଢି ରାଷ୍ଟ୍ରର ସର୍ବଶ୍ରେଷ୍ଠ ଶକ୍ତି। ତେଣୁ ଯୁବଶକ୍ତି ଓ ଗଣମାଧ୍ୟମ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ଗଣତନ୍ତ୍ର ସୁରକ୍ଷିତ ଓ ଶାସନ ବ୍ୟବସ୍ଥା ସ୍ୱଚ୍ଛ ହୋଇଥାଏ । ଏହି ଅବସରରେ ସେ ଅଞ୍ଚଳର ବିକାଶ ପାଇଁ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସାମ୍ବାଦିକ ସଂଘର ସଭାପତି କିଶନ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମ୍ବାଦିକ ସଂଘର ଉପ-ସଭାପତି ଦୀନବନ୍ଧୁ ସୁନା ସଂଯୋଜନା ଓ ପରିଚାଳନା କରିଥିଲେ। ସଂଘର ସାମ୍ବାଦିକ ବନମାଳୀ ପୋଢ଼ ,ବଦ୍ରିନାରାୟଣ ପାଣିଆ, ମହାଦେବ ଗଡତ୍ୟା, ହଳଧର ମେହେର, ସରୋଜ ପ୍ରଧାନଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଜାତୀୟ ସଙ୍ଗୀତ ଗାନ କରିଥିଲେ।

# ବୌଦ୍ଧରେ ୧୦୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା

ବୌଦ୍ଧ,୧୬।୮(ଅଜିତ କୁମାର ବାରିକ)

ମଙ୍ଗଳବାର ଦିନ ସ୍ୱାଧୀନତା ଦିବସ ପାଳନ ଅବସରରେ ବୌଦ୍ଧ ତ୍ରିରଙ୍ଗା ଶୋଭାଯାତ୍ରା ସମିତି ପକ୍ଷରୁ ସହରରେ ୧୦୦ ମିଟର ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭଯାତ୍ରା ସହରର ରଘୁନାଥ ମନ୍ଦିରଠାରୁ ବାହାରି ମେଡିକାଲ ଛକ, ବାଘଗୁଡା ଛକ, ଗାନ୍ଧୀ ଛକ, ଭୈରବୀ ଛକ ପୋଡାପଡା ଛକ, ୱାଁୟାରଲେସ ଛକ ଦେଇ ମର୍ଯ୍ୟାକୁଦ ବ୍ରିଜ ଛକରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ସହରର ବିଭିନ୍ନ ଅନୁଷ୍ଠାନ, ପୋଲିସ ଯବାନ, ଆଇଆରବି ଯବାନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ରାଜନୈତିକ ନେତା ଓ ଜନସାଧାରଣ ସାମିଲ ଥିଲେ। ଚଳିତ ବର୍ଷ ଶୋଭାଯାତ୍ରାରେ ବୌଦ୍ଧର ଐତିହ୍ୟ, ପରମ୍ପରା ଓ ଲୋକନୃତ୍ୟର ଝଲକ ଦେଖିବାକୁ ମିଳିଥିଲା। ମର୍ଯ୍ୟାକୁଦ ବ୍ରିଜ ଛକଠାରେ ସ୍ୱାଧୀନତା ଦିବସ ଉପରେ ବିଭିନ୍ନ ସଙ୍ଗୀତ ପରିବେଷଣ ହୋଇଥିଲା। ଏହାଛଡା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରା ସହରର କମ୍ପି ଉଠିଥିଲା।



ବୌଦ୍ଧ ସହରରେ ତ୍ରିରଙ୍ଗା ଶୋଭଯାତ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ଅଗଷ୍ଟ, ୨୦୨୩

**ରାଜପୁତ କ୍ଷତ୍ରିୟ ସମାଜ ପକ୍ଷରୁ ସ୍ୱାଧୀନତା ଦିବସ**

ସୁନ୍ଦରଗଡ, (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ରାଜପୁତ କ୍ଷତ୍ରିୟ ସମାଜ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅତିଥିମାନେ ଦେଶ ସ୍ୱାଧୀନତା ଆନ୍ଦୋଳନରେ ବଳି ଦାନ ଦେଇଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ନାବାଳିକାଙ୍କ ମୃତଦେହ ଜବତ

କୁଆଁରମୁଣ୍ଡା,୧୬। ୮(ମହେନ୍ଦ୍ର କୁମାର ସାହୁ) : ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବରା ଗ୍ରାମରେ ଜଣେ ନାବାଳିକାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ବୁଧବାର ପୋଲିସ ଜବତ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ କୁଆଁରମୁଣ୍ଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ, ପୂର୍ବାହ୍ନ ୧୧ଟାରେ ଘରେ କେହି ନ ଥିବା ବେଳେ ନାବାଳିକା ଜଣକ ପଙ୍ଖାରେ ଝୁଲି ପଡ଼ିଥିଲେ। ଏନେଇ ତାଙ୍କ ମା' ଫାଣ୍ଡିକୁ ଜଣାଇଥିଲେ।

### ବଜ୍ରପାତରେ ଯୁବକ ମୃତ

ଲହୁଣୀପଡ଼ା,୧୬।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଦଲମକୁଚା ଗ୍ରାମରେ ବଜ୍ରପାତ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦେଓଦେବପୁରୁ ଗ୍ରାମର ଥୋମାସ ମୁଣ୍ଡା(୨୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ବର୍ଷା,ଘଡଘଡି ହେବା ଯୋଗୁ ୭ରୁ ୮ ଜଣ ଲୋକେ ଦଲମକୁଚା ଗ୍ରାମର ଭିଏସଏସ ଘରେ ବସିଥିଲେ। ହଠାତ୍ ଏହି ସମୟରେ ବଜ୍ରପାତ ହେବାରୁ ଥୋମାସଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ।

### ମଦମୁକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଡ଼ଗାଁ,୧୬।୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ନିଶା ନିବାରଣ ଆଇନ ୧୯୫୬ କାର୍ଯ୍ୟକାରୀ କରି ମଦମୁକ୍ତ ଓଡ଼ିଶା ଗଠନ ପାଇଁ ମଙ୍ଗଳବାର ବଡ଼ଗାଁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିଶା ନିବାରଣ ଅଭିଯାନର ଜିଲା ଉପଦେଷ୍ଟା ଧନଞ୍ଜୟ ନାଏକ, ଜିଲା ଉପ ସଭାନେତ୍ରୀ ପୁଷ୍ପଲତା ଦାସ, ଇଡମା ଗାଁର ମିଶନ ଶକ୍ତି ଜିପିଏଲ୍‌ଏଫ୍‌ର ସଭାନେତ୍ରୀ ସବିତା ସାହୁ, ସମ୍ପାଦିକା ଟିକେଶ୍ୱରୀ ପୃଷେଟ, ସିଆର୍‌ପି ଦେବକୀ ନାଏକ, ଏକମିତା ପୃଷେଟ, ଯଶୋବନ୍ତୀ ବେହେରା, ସୁଲୋଚନା ଡନସନା, ସୁନିତା ହରୋ, ଝିଲି ପୃଷେଟ ପ୍ରମୁଖ ନାରୀନେତ୍ରୀ ବିଡିଓ କ୍ଷମାନିଧି ଭୋଇଙ୍କୁ ସାକ୍ଷାତ କରି ୫ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି।

### ଗଛକୁ ପିଟିଲା ପକ୍‌ଅପ୍ ଭ୍ୟାନ, ଜଣେ ମୃତ

ଲହୁଣୀପଡ଼ା,୧୬।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ପଞ୍ଚାୟତ ଜଡି ବାହାଳ ଗ୍ରାମରେ ରହୁଥିବା ଜଣେ ଠିକା ସଂସ୍ଥା କର୍ମଚାରୀଙ୍କ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଜୟ କୁମାର(୩୦)। ସୂଚନାଯୋଗ୍ୟ, ମଙ୍ଗଳବାର ସ୍ୱାଧୀନତା ଦିବସ ଥିବାରୁ କାମ ବନ୍ଦ ଥିଲା। ଫଳରେ ୮ଜଣ କର୍ମଚାରୀ ଏଏସ୍ -୦୨ -ସିସି - ୩୮୮୪ ପିକ୍‌ଅପ୍ ଭ୍ୟାନ ଯୋଗେ ଖଣ୍ଡାଧାର ଜଳପ୍ରପାତ ବୁଲିବାକୁ ଯାଉଥିବା ବେଳେ ବୁଢାଭୁଇଁ ଗ୍ରାମରେ ପିକ୍‌ଅପ୍ ଭ୍ୟାନଟି ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନରେ ଥିବା ବିଜୟ କୁମାର, ନିରୋଜ କୁମାର,ଦିଲଖୁସ କୁମାର, ସମୀର କୁମାର, ବଶିଷ୍ଠ କୁମାର, ଲୋକେଶ କୁମାର ସମେତ ଅନ୍ୟ ୨ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତଙ୍କୁ ପ୍ରଥମେ ଚିକିତ୍ସା ପାଇଁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଜୟ କୁମାରଙ୍କ ମୃତ୍ୟୁ ଘଟିଛି। ଲହୁଣୀପଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହିତ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସାମାଜିକ ସମାନତା, ବୌଦ୍ଧିକତା ଭାରତକୁ ଶ୍ରେଷ୍ଠ କରିଛି

ସୁନ୍ଦରଗଡ, ବଡ଼ଗାଁ, ହେମଗିର, କୁତ୍ରା, କୁଆଁରମୁଣ୍ଡା, ଲହୁଣୀପଡ଼ା, ସବ୍‌ଡେଗା, ରାଜଗାଙ୍ଗପୁର ,୧୬।୮ (ଜୟ ନାରାୟଣ ମେଣ୍ଡୁଲି/ ଅଶୋକ ଷଡ଼ଙ୍ଗୀ /ଚୈତନ୍ୟ ପଟେଲ/ ଦେବାଶିଷ ସାହୁ/ ମହେନ୍ଦ୍ର କୁମାର ସାହୁ/ଦାଶରଥି ପଣ୍ଡା/ ଅନନ୍ତ ପଟେଲ/ଅଶୋକ ପାଣି)



ସ୍ୱାଧୀନତା ଦିବସ ପାଳନ ଅବସରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ସୁନ୍ଦରଗଡ଼ ସରକାରୀ କଲେଜରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଜାତୀୟ ପତାକା ଉତ୍ତୋଳନକରି ଦେଶ ସ୍ୱାଧୀନତା ଦିବସ ପାଳନର ଏହି ଅମୃତ କାଳରେ ପ୍ରତ୍ୟେକ ଭାରତୀୟ ନାଗରିକ ନିଜ ନିଜ କ୍ଷେତ୍ରରେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନକରି ଏକ ଉନ୍ନତ ରାଷ୍ଟ୍ର ନିର୍ମାଣରେ ବ୍ରତୀହେବାକୁ ଆହ୍ୱାନ ଦେଇଥିଲେ। ଭାରତ କେବଳ ବିଶ୍ୱରେ ପ୍ରଯୁକ୍ତି ବିଦ୍ୟା ଓ ତା'ର ଅର୍ଥନୈତିକ ସମୃଦ୍ଧିକୁ ନେଇ ଅଗ୍ରଣୀ ତାହା ନୁହେଁ, ସାମାଜିକ ସମାନତା ଓ ବୌଦ୍ଧିକତା ହିଁ ଭାରତକୁ ଶ୍ରେଷ୍ଠ ପ୍ରଦାନ କରିଛି। ଏହି ଅବସରରେ କଲେଜର ଯୁକ୍ତ୨ ସ୍ତରର କୃତୀ ଛାତ୍ରୀଛାତ୍ର, ସ୍ନାତକ ସ୍ତରରେ ଆଇଆଇଟି ଜାମ୍ ସର୍ବଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପ୍ରିୟବ୍ରତ ନାଗ ଏବଂ ଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ




ପ୍ରଫେସର ଡ. ବିନୋଦ ବିହାରୀ ମଲ୍ଲିକ ସଂଯୋଜନା କରିଥିଲେ। କଲେଜର ପୁରାତନ ଛାତ୍ର ସଂଘର ବିଶ୍ୱରଞ୍ଜନ ହୋତା, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ବଡ଼ଗାଁର ସାର୍ବଜନୀନ ଦୁର୍ଗାମଣ୍ଡପଠାରେ ଆୟୋଜିତ ସ୍ୱାଧୀନତା ଦିବସରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଡାଗଂବଙ୍ଗଳାରେ ବ୍ଲକର ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ସ୍ୱାଧୀନତା ଦିବସରେ ପିଡବ୍ଲ୍ୟୁଡି ଯନ୍ତ୍ରୀ ସୁରଥ ନାୟକ ପତାକା ଉତ୍ତୋଳନ କରିଥିଲେ। ଶିଳ୍ପ ତାଲିମ କେନ୍ଦ୍ର ଓ ନର୍ସିଂ କଲେଜରେ ରାମଚନ୍ଦ୍ର ନାୟକ, ବ୍ଲକ ଅଫିସ୍‌ରେ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ପଞ୍ଚାୟତ ସମିତି କଲେଜରେ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ, ଯୁକ୍ତ ୩ କଲେଜରେ ଅଧ୍ୟକ୍ଷା ବନଜାରାଣୀ ଷଡ଼ଙ୍ଗୀ, ପୋଷ୍ଟ ଅଫିସରେ ପୂର୍ବତନ ପୋଷ୍ଟମାଷ୍ଟର ରଘୁନାଥ ନାଏକ ପତାକା ଉତ୍ତୋଳନ କରିଥିଲେ। ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାରେ ପତାକା ଉତ୍ତୋଳନ କରାଯାଇଥିଲା। ହେମଗିର ବ୍ଲକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲ ପଡ଼ିଆଠାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ଭିକ୍ଟୋରିଆ ଏକ୍କା, ଥାନା ଅଧିକାରୀ ଜଗଦୀଶ ବାରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସ୍ୱାଧୀନତା ଦିବସ ପରିଚାଳନା କମିଟି ତରଫରୁ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ଏକତ୍ରିତ ହୋଇଥିଲେ। ମୁଖ୍ୟ ଅତିଥି ସାମାଜିକ କର୍ମୀ ପ୍ରଭୁ ଦୟାଲ ଅଗ୍ରୱାଲ ଓ ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ତରଫରୁ ସାମୂହିକ ପରେଡ ହୋଇଥିଲା। ଏଥିରେ କୁତ୍ରା ଉଚ୍ଚବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ଦଳ ପ୍ରଥମ ହୋଇଥିବାବେଳେ ଏନ୍‌ସିସି ଦଳ ୨ୟ ଓ ଗାଇଡସ୍ ଦଳ ୩ୟ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ହୋଇ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମଭାବେ ଶାରୀରିକ କଳା ପ୍ରଦର୍ଶନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଶଙ୍କରପ୍ରସାଦ ଟପ୍ପୋ, ସୁରେଶ ଚନ୍ଦ୍ର ଟପ୍ପୋ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀ, ଓଏଭିର ପ୍ରଧାନ ଶିକ୍ଷକ ରୋଡେକ୍ସ ଏକ୍କା, ସାମାଜିକ କର୍ମୀ ଶିବଶଙ୍କର ବେହେରା, ବ୍ଲକ ବିଜେଡି ସଭାପତି ଅର୍ଜୁନ ଜୟପୁରିଆ, ଭାଜପା ନେତା ଜୁନାସ ଲୁଗୁନ, ନରସିଂହ ମିଞ୍ଜ ଅତିଥିଭାବେ ଯୋଗଦେଇଥିଲେ। ସ୍ୱାଧୀନତା ଦିବସ ପରିଚାଳନା କମିଟି ସଦସ୍ୟ ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ, ଦେବେନ୍ଦ୍ର ପୁରୋହିତ, ରାଜେଶ ସାହୁ, ମହେନ୍ଦ୍ର ସିଂ,ବଜରଙ୍ଗ କେଶରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପ୍ରେସ୍‌କ୍ଲବ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିକ୍ଷକ ବିଭୀଷଣ ବାରିକ, ସାମାଜିକ କର୍ମୀ ଶିବଶଙ୍କର ବେହେରା ଉପସ୍ଥିତ ଥିବାବେଳେ ଖବରଦାତା ପ୍ରଶାନ୍ତ ସାହୁ ସଭା ପରିଚାଳନା କରିଥିଲେ। ଖବରଦାତା ଦେବାଶିଷ ସାହୁ, ରାଜେଶ ସାହୁ, ମହେନ୍ଦ୍ର ସିଂ, ବିମଲା ଲାକଡା, ଦିଲୀପ ବେହେରା, ଧୃତିସୁନ୍ଦର ସାହୁ, ଅବିନାଶ କର, କିଶୋର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ଦେବେନ୍ଦ୍ର ପୁରୋହିତ ଧନ୍ୟବାଦ ଦେଇଥିଲେ। କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପଦମପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ରୀତା ଲାକ୍ରା ଓ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସମାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଏବିଇଓ ଡୋରୋଥିଆ ଟପ୍ପୋ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ସେଣ୍ଟ ଫ୍ରାନ୍‌ସିସ୍ ଓ ଡନ୍‌ବସ୍କୋ ହାଇସ୍କୁଲରେ ବିଜେଡି ରାଉରକେଲା ସାଂଗଠନିକ ଜିଲା ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି କଟାରୁ ହାଇସ୍କୁଲରେ ସରପଞ୍ଚ ଝୁବା ଟପ୍ପୋ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଇଓ ସଦାନନ୍ଦ ପଧାନ, ଲିଟିଲବର୍ଡ ଇଂରାଜୀ ସ୍କୁଲରେ ଅଧ୍ୟକ୍ଷ ସାଦ୍ରାକ ବାରା, କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ସଞ୍ଜୀବ ପ୍ରତାପ ସିଂଦେଓ, ବ୍ଲକ କାର୍ଯ୍ୟାଳୟରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ପଞ୍ଚନାରାୟଣ ସରାଫ, କୁଆଁରମୁଣ୍ଡା ସରକାରୀ ଡେଏରି ଫାର୍ମରେ ଡା. ଶୁଭେନ୍ଦୁ କୁମାର ଘୋଷ,




ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ଇଂ. ଅଶୋକ କୁମାର ସାହୁ, ଫାଣ୍ଡିରେ ଅଧିକାରୀ ଶ୍ୟାମଲାଲ ଓରାମ ପତାକା ଉତ୍ତୋଳନ କରିଥିଲେ। ଲହୁଣୀପଡା ବ୍ଲକ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୁରାଗ ମିଶ୍ର ପତାକା ଉତ୍ତୋଳନ କରିଥିବା ବେଳେ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସୌଦାମିନୀ ନାଏକ ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଅଶ୍ୱିନ କୁମାର ଗୋପାଳ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଜେଡି ପକ୍ଷରୁ ଗାନ୍ଧୀ ଛକଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବଣେଇ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପତାକା ଉତ୍ତୋଳନ କରିଥିଲେ। ଏଥିରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ସ୍ଥାନରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବ୍‌ଡେଗା ଓ ବାଲିଶଙ୍କରା ଅଞ୍ଚଳରେ ସ୍ୱାଧୀନତା ଦିବସ ଅବସରରେ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ ବିଭିନ୍ନ ସ୍ଥାନରେ ପତାକା ଉତ୍ତୋଳନ କରିଥିଲେ। ପ୍ରଥମେ କିଞ୍ଜିରକେଲା ଡିଗ୍ରୀ କଲେଜ, ପରେ ବାଲିସଙ୍କରାଠାରେ ନବନିର୍ମିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ କ୍ଲବ ଗୃହଠାରେ ଏବଂ ତେଇସମାଇଲଠାରେ ପତାକା ଉତ୍ତୋଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଗାଇବିରା ହକି ତାଲିମ ସେଣ୍ଟର ଓ ଷ୍ଟାଡିୟମରେ ଅନୁଷ୍ଠିତ ହକି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ରାଜଗାଙ୍ଗପୁରର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସୁବାସ ବୋଷ କମିଟି ପକ୍ଷରୁ ସୁବାସ ଛକରେ ଆୟୋଜିତ ସ୍ୱାଧୀନତା ଦିବସରେ ବିଧାୟକ ଡ. ସିଏସ୍ ରାଜନ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କଂଗ୍ରେସ ଭବନରେ ଟାଉନ ସଭାପତି ଦିପୁ ବିନୋଦ, ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ସଭାପତି ରାକେଶ ନନ୍ଦା, କୋର୍ଟ ପରିସରରେ ସବଜଜ୍ ସଞ୍ଚିତା ନାଏକ ପତାକା ଉତ୍ତୋଳନ କରି କରିଥିଲେ। ରାଜଗାଙ୍ଗପୁର ଖେଳ ପଡ଼ିଆରେ ପୌରପାଳିକା ଦ୍ୱାରା ଆୟୋଜିତ ସ୍ୱାଧୀନତା ଦିବସରେ ପୌରଧକ୍ଷା ମାଧୁରୀ ଲୁଗୁନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସାମୂହିକ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ।

## ଜିଲା ସ୍ତରୀୟ ସ୍ୱାଧୀନତା ଦିବସ

ସୁନ୍ଦରଗଡ଼,୧୬।୮(ଜୟନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ଼୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଏଥିସହ ଦେଶର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଯାଇଥିବା ସେହି ବୀର ମାଟିର ସନ୍ତାନଙ୍କ ସ୍ମୃତି ଚାରଣ କରିବା ସହିତ ସେମାନଙ୍କ ପ୍ରତି ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହି ମହାନ୍ ବରପୁତ୍ରଙ୍କ ଅସୀମ ତ୍ୟାଗ, ଅଦମ୍ୟ ସାହସ ଓ ଦୃଢ ଶପଥର କଥା ସ୍ମରଣ କରି ଦେଶର ସାମଗ୍ରିକ ବିକାଶ ସାଙ୍ଗକୁ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ଜାତୀୟ ସଂହତି ପ୍ରତି କାର୍ଯ୍ୟ କରିବାକୁ ସମାଜକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ତଥା କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ୟାରେଡ଼୍‌ରେ ରିଜର୍ଭ ପୋଲିସର ଏପିଆର ଫୋର୍ସ ଏବଂ ହୋମ ଗାର୍ଡ ଦଳକୁ ମିଶାଇ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ମୋଟ ୩୧ ପ୍ୟାରେଡ୍ ଦଳ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟ, ଆସ୍ଥା ଗୃହ ଏବଂ ଜିଲା କାରାଗାର ପରିଦର୍ଶନ କରିଥିଲେ। ରୋଗୀ ଓ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଭବାନୀ ଭବନ ପଡ଼ିଆ ଠାରେ ଜିଲା ପ୍ରଶାସନ, ଜିଲା ପ୍ରେସ୍ କ୍ଲବ ଓ ଜିଲା ବାର ଆସୋସିଏସନ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ




ହୋଇଥିଲା। ଏଥିରେ ଜିଲା ପ୍ରଶାସନ ଚାମ୍ପିୟାନ ହୋଇଥିବା ବେଳେ ଜିଲା ବାର ଆସୋସିଏଶନ୍ ରନର୍ସ ଅଫ ହୋଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲା ପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲା ପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିଶ ପ୍ରହ୍ଲାଦ ଶର୍ମା, ସଦର ତହସିଲଦାର କୁଳମଣିରଣବିଡ଼ା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତା ଦିବସ

ସୁନ୍ଦରଗଡ,୧୬।୮(ନାରାୟଣ ମେଣ୍ଡୁଲି)

ଜିଲା କଂଗ୍ରେସ କମିଟି ତରଫରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ନିମାଇଁ ଚରଣ ନାଏକ ପତାକା ଉତ୍ତୋଳନ କରି ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସିର କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ଷଡ଼ଙ୍ଗୀ, ଇସ୍ତାହାର କମିଟି ସଭ୍ୟ ବେଣୁ ମାଧବ ତ୍ରିପାଠୀ, ଆଡଭୋକେଟ ପ୍ରସନ୍ନ ବେହେରା, ପର୍ଶୁରାମ ସରାଫ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ରାଜ୍ୟ ସେବାଦଳର ମୁନୁ ସରାଫ, ଭୀଷ୍ମ ଦେବ ସିଂ, ଦେବାଶିଷ ଦାସ, ପ୍ରଦୀପ ସିଂ, ସତ୍ୟନାରାୟଣ ସାହୁ, ଅଞ୍ଜନ ପଟେଲ, ଗାୟତ୍ରୀ ମାଝି, ରୀନା ମାଝି ପ୍ରମୁଖ ଯୋଗ ଦେଇଥିଲେ ।




ପତାକା ଉତ୍ତୋଳନ ସମୟରେ ଉପସ୍ଥିତ କଂଗ୍ରେସ ନେତା ଓ ଦଳୀୟ କର୍ମକର୍ତ୍ତା।

## ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଲହୁଣୀପଡ଼ା,୧୬।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା କଲେଜରେ ସୋମବାର ନବାଗତ ଛାତ୍ରୀଙ୍କ ପାଇଁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, କୁମାର ଗୌତମ ବାରିକ, ସୁଦାମ ଚରଣ ତ୍ରିପାଠୀ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ଗୁରୁଣ୍ଡିଆ କଲେଜ ଅଧ୍ୟାପକ ତପନ କୁମାର ଦଣ୍ଡିଆ ଯୋଗଦେଇଥିଲେ। ଅଧ୍ୟକ୍ଷା ଝରଣା ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରୀ ଲକ୍ଷ୍ମୀ ପ୍ରିୟା ପାଲ ମଞ୍ଚ ପରିଚାଳନା କରିଥିଲେ। ଦେଶର ଶ୍ରେଷ୍ଠ ବିଧାୟକଭାବେ ବଣେଇ ନିର୍ବାଚନ ମଣ୍ଡଳୀ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିବେଚିତ ହୋଇଥିବାରୁ ତାଙ୍କୁ କଲେଜ ତରଫରୁ ସମ୍ମାନିତ କରାଯାଇଥିଲା। ଏହା ସହ ଯୁକ୍ତ ୨ ପରୀକ୍ଷାରେ ଟପ୍ପର ହୋଇଥିବା ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରୀଙ୍କୁ ଏବଂ ପ୍ରତ୍ୟେକ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅଜିତ କୁମାର ସ୍ୱାଇଁ, ଇତିଶ୍ରୀ ପଟ୍ଟନାୟକ, ପଦ୍ମିନୀ ନାଏକ, କବିତା ମୁଖାର୍ଜୀ, ଅଧ୍ୟାପିକା ଅଧ୍ୟାପକ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତୁଡ଼ାଲଗା ଚାମ୍ପିୟନ ଟ୍ରଫି ଫୁଟ୍‌ବଲ ଉଦ୍‌ଯାପିତ

ବଡ଼ଗାଁ,୧୬।୮( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡ଼ାଲଗା ଗ୍ରାମରେ ଜୟ ଶ୍ରୀରାମ କ୍ଲବ ଦ୍ୱାରା ଆୟୋଜିତ ଚାମ୍ପିୟନ ଟ୍ରଫି ଦିବାରାତ୍ରି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୧୫ରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ୨୪ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କେବିଏଫ୍‌ସି ଭୋଇପାଲି ଟିମ୍ ଉଷରା ଟିମ୍‌କୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ଖ ସଭ୍ୟା ସୋନାଲି ହେସ, ତୁଡ଼ାଲଗା ସରପଞ୍ଚ ସୁଦୀପ ବାଡ଼ା, ଫୁଲବାରୀ ସରପଞ୍ଚ ଯୋଗୀନ୍ଦ୍ର କିଷାନ, ଦାଣ୍ଡଜମିରା ସରପଞ୍ଚ ଗୋବର୍ଦ୍ଧନ ହାହା,




ମୁଖ୍ୟ ଅତିଥି ଚାମ୍ପିୟନଙ୍କୁ ପୁରସ୍କୃତ କରୁଛନ୍ତି।

ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ତୁଡ଼ାଲଗା ଗ୍ରାମର ବରିଷ୍ଠ ଖେଳାଳି କଳାକାର ମିଞ୍ଜ, ଗୋବର୍ଦ୍ଧନ କୁଜୁର, କଳାକାର ବାଗ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟରେ ମେନ୍ ଅଫ ଦି ମ୍ୟାଚ୍‌ଭାବେ ଭୋଇପାଲି ଟିମର ଓମ୍ ବାବୁ, ମେନ୍ ଡିଫେନଡରଭାବେ ଭୋଇପାଲି ଟିମର ସୁଶାନ୍ତ ମାଝି,

### ଭୋଇପାଲି ଚାମ୍ପିୟନ

ଷ୍ଟାଇଲିଶ୍ ପ୍ଲାୟରଭାବେ ଉଷରା ଟିମ୍‌ର ସଞ୍ଜୟ ଓ ମେନ୍ ଅଫ ଦି ସିରିଜଭାବେ ଭୋଇପାଲି ଟିମ୍‌ର ଅଭୟଙ୍କୁ ଚୟନ କରି ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ କେବିଏଫ୍‌ସି ଭୋଇପାଲି ଟିମ୍‌କୁ ୮୦ ହଜାର ଟଙ୍କା, ଉପ ବିଜେତା ଉଷରା ଟିମ୍‌କୁ ୪୫ ହଜାର ଟଙ୍କା ଓ ତୃତୀୟ ସ୍ଥାନ ପାଇଥିବା ଝାରସୁଗୁଡ଼ା ଶାନ୍ତିନଗର ଟିମ୍‌କୁ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ରେଫରି ହେମନ୍ତ ଦାସ, ଅଶୋକ ପାଣ୍ଡବ, ଦେବେନ୍ଦ୍ର କିଷାନ ଓ ନିତ୍ୟାନନ୍ଦ ମେହେର ଖେଳ ପରିଚାଳନା କରିଥିବାବେଳେ ଅର୍ଜୁନ ମହାକୁଡ ଖେଳର ଧାରା ବିବରଣୀ ଦେଇଥିଲେ। ସଞ୍ଜୟ ଡୁଙ୍ଗଡୁଙ୍ଗ, ଜଗ ମାଝି, ଅର୍ଜୁନ ବାଗ, ମଣ୍ଟୁ କୁଜୁର ଏବଂ ଆୟୋଜକ କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

